ସାପ୍ତାହିକ
ସ୍ୱୀକାର
The Sweekar ସ୍ୱୀକାର
Postal Regd. No.: SBP/RN-01/2022-2024
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 51 | 18 - 24 December 2022 | Sambalpur | Page- 8 | Invitation Price Rs.10

# ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନ ଥିବା ସୁପ୍ରିମକୋର୍ଟର ମନ୍ତବ୍ୟ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଖୋରାକ୍ ଯୋଗାଇବ ନାହିଁ ତ ?

ସମ୍ବଲପୁର : ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ଗଠନର କୌଣସି ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ ରୋକ୍ ଠୋକ୍ ଶୁଣାଇ ଦେବା ଏବଂ ଏହି ଦାବିରୁ ଆନ୍ଦୋଳନକାରୀମାନେ ନିଃସର୍ତ୍ତ ଆନ୍ଦୋଳନରୁ ଓହରି ଯିବା ଲାଗି ନିର୍ଦ୍ଦେଶ ଦେବା ପରେ ଏ ଅଞ୍ଚଳରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି । ଏସବୁ ଘଟଣା ପାଇଁ ଓକିଲଙ୍କ ଠାରୁ ଅଞ୍ଚଳବାସୀଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରାୟତଃ ରାଜ୍ୟସରକାରଙ୍କ ଟାଳଟୁଳ ନୀତିକୁ ଦାୟୀ କରୁଛନ୍ତି । ରାଜ୍ୟ ସରକାର ଠିକ୍ ସମୟରେ ଯଦି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଇଥାନ୍ତେ ହୁଏତ ଆଜି ଏଭଳି ସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି । ରାଜ୍ୟ ସରକାରଙ୍କ ଉପରେ ଓକିଲ ଓ ଅଂଚଳବାସୀଙ୍କ ଏହି ଅସନ୍ତୋଷ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଆନ୍ଦୋଳନକୁ ତେଜିଆନ କରିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ଭାରତୀୟ ଆଇନଜୀବୀ ପରିଷଦ ସମ୍ବଲପୁର ଓକିଲ ସଂଘର ସବୁ ସଦସ୍ୟଙ୍କୁ ସସ୍‌ପେଣ୍ଡ କରିବା ଘଟଣା ମଧ ଏଠାରେ ପ୍ରତିକ୍ରିୟା ସୃଷ୍ଟି କରିଛି । ଭାରତୀୟ ଆଇନଜୀବୀ ପରିଷଦ ଓ ରାଜ୍ୟ ଆଇନଜୀବୀ ପରିଷଦର ଆଭିମୁଖ୍ୟ ନେଇ ଓକିଲମାନଙ୍କର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଅସନ୍ତୋଷ ପ୍ରକାଶ କରି ଆସୁଛି । ଓଡ଼ିଶା ସରକାର ରାଜ୍ୟ ଆଇନଜୀବୀ ପରିଷଦ ଜରିଆରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ କରାଇ ନ ଦେବା ପାଇଁ ଷଡ଼ଯନ୍ତ୍ର କରି ଆସୁଥିବାର ଓକିଲମାନେ ଅଭିଯୋଗ କରି ଆସୁଛନ୍ତି । ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା କହୁଥିବା ବେଳେ ପଶ୍ଚିମାଞ୍ଚଳର ସ୍ୱାର୍ଥ ପ୍ରତି ପ୍ରକୃତରେ ଅଣଦେଖା କରୁଥିବା ଅଭିଯୋଗ ହେଉଛି । ହାଇକୋର୍ଟ ବେଞ୍ଚ ସ୍ଥାପନ ଦିଗରେ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନ ନେଲେ ପଶ୍ଚିମ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଆନ୍ଦୋଳନରେ



ଅଗ୍ରଣୀ ଭୂମିକା ନେବାକୁ ଉଭୟ ସିଏସି ଓ ସମ୍ବଲପୁର ଓକିଲ ସଂଘର ବୈଠକରେ ଆଗରୁ ନିଷ୍ପତ୍ତି ନିଆଯାଇଛି । ହାଇକୋର୍ଟ ବେଞ୍ଚ ଆନ୍ଦୋଳନକୁ ସମର୍ଥନ କରୁଥିବା ନାଗରିକ କ୍ରିୟାନୁଷ୍ଠାନ କମିଟୀ ପକ୍ଷରୁ ମଧ ନିକଟରେ ସ୍ୱତନ୍ତ୍ର ରାଜ୍ୟ ଦାବୀରେ ହୋଇଥିବା ସମ୍ବଲପୁର ବନ୍ଦକୁ ଅଭୁତପୂର୍ବ ସମର୍ଥନ ମିଳିଥିଲା ।

ସ୍ୱାଧୀନତା ପରବର୍ତ୍ତୀ ଓଡିଶାର ବିଭିନ୍ନ ଜନଦାବି ମଧ୍ୟରେ ଅନ୍ୟତମ ହେଉଛି ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ । ଏହି ଦାବିକୁ ନେଇ ଆଜକୁ ୬ ଦଶନ୍ଧିରୁ ଉର୍ଦ୍ଧ୍ୱ ହେଲା ସାରା ପଶ୍ଚିମ ଓଡିଶାରେ ଆନ୍ଦୋଳନ ମୁଣ୍ଡ ଟେକିଛି । ଏପରିକି ଦୀର୍ଘ ଦଶନ୍ଧି ହେଲା ଏହା ଜନ ଆନ୍ଦୋଳନରେ ପରିଣତ ହୋଇ ସାରିଛି । ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ପୂର୍ବରୁ ପ୍ରତି ମାସର ଶେଷ ୩ ଦିନକୁ ଆଇନଜୀବୀ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଆସୁଥିଲେ । ମଝିରେ ମଝିରେ ସମଗ୍ର ପଶ୍ଚିମ ଓଡିଶାରେ ବନ୍ଦ ଡାକରା ଦିଆ ଯାଉଥିଲା । ମୋଟ୍ ଉପରେ କହିବାକୁ ଗଲେ ଏହି ଦାବି ପାଇଁ ବିଗତ ଦିନରେ କେତେ ଥର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇଛନ୍ତି ଆଉ କେତେ ଦିନ ଧରି କୋର୍ଟ କଚେରୀରୁ ଆରମ୍ଭ କରି ଅଫିସ ଯାଏ ଅଚଳ ହୋଇଥିଲା, ତାହାର ହିସାବ କାହାରି ପାଖରେ ନାହିଁ । ଏଭଳି ସ୍ଥିତିରେ ନିକଟରେ ବେଞ୍ଚ ସ୍ଥାପନ ନେଇ ସୁପ୍ରିମକୋର୍ଟଙ୍କ ନାସ୍ତିବାଣୀ ପରେ ସମ୍ବଲପୁର ସମେତ ସାରା ପଶ୍ଚିମ ଓଡିଶାରେ ନିରାଶାର ଛାଇ ଖେଳିଯାଇଛି । ଏହାଛଡା ଦୀର୍ଘ ୬ ଦଶନ୍ଧିର ଆଶା ଏକପ୍ରକାର ମଉଳି ଯାଇଛି । ତଥାପି ଏହି ଜନ ଆନ୍ଦୋଳନକୁ ପୁଣି ଉଜ୍ଜୀବିତ କରିବାକୁ ସବୁ ମହଲରେ ମତପ୍ରକାଶ ପାଇଛି ।

ପଶ୍ଚିମ ଓଡିଶାରୁ କୋର୍ଟ କଚେରୀ ମୋକଦ୍ଦମା ପାଇଁ କଟକ ହାଇକୋର୍ଟ ଯିବା ବର୍ତ୍ତମାନ ସମୟରେ ବି ଦୂରୁହ ବ୍ୟାପାର ଭାବେ ବିବେଚନା କରାଯାଇଥାଏ । ଗୋଟିଏ ପଟେ, ଗମନାଗମନ ଦୃଷ୍ଟିରୁ କଟକକୁ ଯାଇ ନ୍ୟାୟ ପାଇବା ସାଧାରଣ ଗରିବ ଲୋକଙ୍କ ପକ୍ଷରେ କାଠିକାର ପାଠ । ଆର୍ଥିକ ବୋଝ ସାଙ୍ଗକୁ ଭାଷାଗତ ସମସ୍ୟା, କଟକରେ ରହିବା ଖାଇବା ଆଦି ଅନେକ ସମସ୍ୟା ସାଙ୍ଗକୁ ସେଠାକାର ଓକିଲଙ୍କ ଦେୟ ଆଦି ପଇଠ କରିବା ଗରିବଙ୍କ ପକ୍ଷରେ ସ୍ୱର୍ଗକୁ ନିଶୁଣୀ ସଦୃଶ ହୋଇଛି । ଏହାକୁ ହୃଦୟଙ୍ଗମ କରି ହିଁ ଷାଠିଏ ଦଶକରୁ ଏହି ବେଞ୍ଚ ସ୍ଥାପନ ଦାବି ମୁଣ୍ଡ ଟେକିଥିଲା ।

ପ୍ରଥମ କରି ୧୯୫୭ ମସିହାରେ ଏହି ଦାବି ଉଠିଥିବା ବେଳେ ସତୁରୀ ଦଶକ ବେଳକୁ ଏହା ଶାଣିତ ହୋଇଥିଲା । ଫଳରେ କେନ୍ଦ୍ର ସରକାର ବାଧ୍ୟ ହୋଇ ଯଶୱନ୍ତ ସିଂ କମିଶନ ଗଠନ କରିଥିଲେ । ଆଉ ୧୯୭୫-୭୬ ମସିହା ବେଳକୁ କମିଶନ ପଶ୍ଚିମାଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ୧୯୭୭ ମସିହାରେ ତାଙ୍କ ରିପୋର୍ଟ ଦାଖଲ କରିଥିଲେ । ୧୯୭୪ ମସିହାରୁ ଆରମ୍ଭ କରି ସମସ୍ତ ଜାତୀୟ ଓ ଆଞ୍ଚଳିକ ଦଳ ନିର୍ବାଚନ ସମୟରେ ପଶ୍ଚିମ ଓଡ଼ିଶାରେ ସର୍କିଟ କୋର୍ଟ କରିବୁ ବୋଲି ପ୍ରତିଶ୍ରୁତି ଦେଲେ । ତେବେ, ରାଜନୈତିକ ଇଚ୍ଛାଶକ୍ତି ଓ ଆନ୍ତରିକତା ଅଭାବରୁ ତାହା ସମ୍ଭବପର ହୋଇ ପାରିନାହିଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୮୫ ମସିହାରେ ପ୍ରତିଶ୍ରୁତି ଦେଲେ ଯେ, ସରକାରକୁ ଆସିଲେ ପଶ୍ଚିମ ଓଡ଼ିଶାରେ ସର୍କିଟ କୋର୍ଟ ସ୍ଥାପନ କରାଯିବ । ୧୯୯୦ରେ ବିଜୁ ବାବୁ ସରକାରକୁ ଆସିଲେ । ସର୍କିଟ କୋର୍ଟ ନହେବାରୁ ଆନ୍ଦୋଳନ ତୀବ୍ରତର ହେଲା । ୧୯୯୧ ମସିହାରେ ଗୋଲବଜାର ଛକରେ ୧୦୪ ଦିନିଆ ଧାରଣା ଦିଆଗଲା । ଏହା ପରେ ବିଜୁ ବାବୁ ତତ୍ପର ହେଲେ । ସମ୍ବଲପୁର ଓ ବ୍ରହ୍ମପୁରରେ ହାଇକୋର୍ଟର ସର୍କିଟ କୋର୍ଟ ହେବ ବୋଲି ନିଷ୍ପତ୍ତି ନିଆଯିବା ସଙ୍ଗେ ସଙ୍ଗେ ଆଇଏଣ୍ଡପିଆର ବିଭାଗ ବିଜ୍ଞପ୍ତି ପ୍ରକାଶ ପାଇଲା । କଟକର ଜଣେ ଓକିଲ ଏହାକୁ ବିରୋଧ କରି ହାଇକୋର୍ଟରେ ପିଟିସନ ଫାଇଲ କଲେ । ଜଷ୍ଟିସ ଆର. ସି. ପଟ୍ଟନାୟକ ରାୟ ଦେଲେ ଯେ, ଆଇନ ଅନୁସାରେ ଏହା ଭଲ ନୁହେଁ । ତେବେ, ରାଜ୍ୟପାଳ, ମୁଖ୍ୟ ବିଚାରପତି ଓ ରାଜ୍ୟ ସରକାରଙ୍କ ମଧରେ ଆଲୋଚନା କରି ଯାହା ନିଷ୍କର୍ଷ ବାହାରିବ ତା'ପରେ ଯାଇ ସର୍କିଟ କୋର୍ଟ ହୋଇପାରିବ ।

ନିୟମାନୁଯାୟୀ, ହାଇକୋର୍ଟର ବେଞ୍ଚ ହେଲେ ସଂସଦରେ ଲେଜିସ୍‌ଲେସନ ପାସ କରାଯିବ ଓ ସର୍କିଟ କୋର୍ଟ ହେଲେ ମୁଖ୍ୟ ବିଚାରପତିଙ୍କ ଅନୁମତି ଓ ସମ୍ମତିର ଆବଶ୍ୟକତା ରହିଛି । ହାଇକୋର୍ଟ ବେଞ୍ଚରେ ମୁଖ୍ୟ ବିଚାରପତିଙ୍କ ଭୂମିକା ଗୌଣ ରହିଥିବାରୁ ୧୯୯୩ ମସିହାରେ ସମ୍ବଲପୁର ଓକିଲ ସଂଘ ପ୍ରଥମେ ନିଷ୍ପରି ନେଲା ଯେ ଆମକୁ ସର୍କିଟ କୋର୍ଟ ନୁହଁ ହାଇକୋର୍ଟର ବେଞ୍ଚି ଦରକାର । ଆନ୍ଦୋଳନ ଏହାପରେ ନିରବଚ୍ଛିନ୍ନ ଭାବେ ଆଜିପର୍ଯ୍ୟନ୍ତ ଚାଲିଛି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ଏ.କେ. ଦାସ ମହାପାତ୍ର ଓସିଏର ସଭାପତି ହେଲେ

ସମ୍ବଲପୁର : ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର



ଓଡ଼ିଶା କମର୍ସ ଏସୋସିଏସନର ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି । ନିକଟରେ ସମ୍ବଲପୁର ଠାରେ ଅନୁଷ୍ଠିତ ଏସୋସିଏସନର ୪୨ ତମ ବାର୍ଷିକ ସମ୍ମିଳନୀରେ ପ୍ରଫେସର ଆସନ୍ତା ଏକ ବର୍ଷ ପାଇଁ ଏହି ପଦବୀକୁ ନିର୍ବାଚିତ ହୋଇଛନ୍ତି ।

## ଦୁର୍ନୀତି ରୂପକ ଅପରାଧ ରୋକିବା ସମସ୍ତଙ୍କ ଅଧିକାର ଓ ଉତ୍ତର ଦାୟିତ୍ୱ: ପି.କେ. ମିଶ୍ର

ନୂଆଦିଲ୍ଲୀ: ଦୁର୍ନୀତି ରୂପକ ଅପରାଧ ରୋକିବା ସମସ୍ତଙ୍କ ଅଧିକାର ଓ ଉତ୍ତର ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।

ସିବିଆଇ ପକ୍ଷରୁ ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ଟର ମିଶ୍ର କହିଥିଲେ ଯେ, ବିଶେଷ କରି ସାଧାରଣ ନାଗରିକଙ୍କ ଉପରେ ଦୁର୍ନୀତିର ଅଧିକ ପ୍ରଭାବ ପଡ଼ିଥାଏ । ଗରିବ ଓ ଦୁର୍ବଳ ସମୁଦାୟ ଏହାର ସବୁଠୁ ଖରାପ ପ୍ରଭାବର ସମ୍ମୁଖୀନ ହୋଇଛନ୍ତି । ଦୁର୍ନୀତି ସରକାରରେ ନିଷ୍କ୍ରିୟତାକୁ ପ୍ରୋତ୍ସାହନ ଦେଇଥାଏ ଓ ଆର୍ଥିକ ଅପାରଗତା ଆଣିଥାଏ । ଦେଶର ସୁରକ୍ଷା ପ୍ରତି ଦୁର୍ନୀତି ମଧ ଗମ୍ଭୀର ବିପଦ ସୃଷ୍ଟି କରିଥାଏ । ଛୋଟ ହେଉ କିମ୍ବା ବଡ଼ ଦୁର୍ନୀତି ସବୁବେଳେ ଅନ୍ୟ କାହାର ଅଧିକାର ଛଡ଼େଇ ନେଇଥାଏ ।

ଡକ୍ଟର ମିଶ୍ର କହିଥିଲେ ଯେ, ଏହା ଦୁର୍ନୀତିର ସାମଗ୍ରିକ ପ୍ରକୃତିକୁ ଦର୍ଶାଇଥାଏ ଏବଂ ସବୁ ଦେଶ ଏହା ବିରୋଧରେ ଏକଜୁଟ ହୋଇ ଲଢ଼ିବାର ସମୟ ଆସିଛି । ପ୍ରଶାସନ ଆରମ୍ଭ ହେବା ଦିନ ଠାରୁ ଦୁର୍ନୀତି ରହି ଆସିଛି । ଭାରତରେ ଉଦାରୀକରଣ ପରେ ଦୁର୍ନୀତି ପ୍ରକୃତି ଅତ୍ୟନ୍ତ ଜଟିଳ ହୋଇଯାଇଛି । ତେବେ ପ୍ରଯୁକ୍ତିର ବିକାଶ ସହିତ ଦୁର୍ନୀତି ନିବାରଣ ପାଇଁ ସୁଯୋଗ ବୃଦ୍ଧି ପାଇଛି । କିନ୍ତୁ କ୍ରିପ୍ଟୋକରେନ୍ସୀ ଭଳି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ରହିଛି ଯେଉଁଠି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଷ୍ଟକର । ଅଭିନବ ଦୁର୍ନୀତି ନିବାରଣ ସମାଧାନ ଉପରେ ଡକ୍ଟର ମିଶ୍ର ଆଇନ ପ୍ରବର୍ତ୍ତନ ସଂସ୍ଥା ମାନଙ୍କ ମଧରେ ବାସ୍ତବ ସମୟରେ ସୂଚନା ବିନିମୟ ପାଇଁ ସେ ଆହ୍ୱାନ ଦେବା ସହିତ ସେ କହିଥିଲେ ଯେ, ଆର୍ଥିକ ଅପରାଧ ସମେତ ବିଭିନ୍ନ ସୀମାପାର ଅପରାଧ ମୁକାବିଲା କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ନେବାକୁ ପ୍ରସ୍ତୁତ ରହିଛି । ୨୦୧୪ ପରଠାରୁ ଦେଶରେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ଲାଗି ସରକାର ଜରୁରୀ ଆଇନଗତ ବ୍ୟବସ୍ଥା କରିଛନ୍ତି । କଳାଧନ ଫେରାଇ ଆଣିବା ଲାଗି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା । ସରକାର କଳାଧନ (ଅପ୍ରକାଶିତ ବିଦେଶୀ ଆୟ ଓ ସମ୍ପତ୍ତି) ଏବଂ ଟିକସ ଆଇନ, ୨୦୧୫ ଭଳି ଅଧିକ ବ୍ୟାପକ ଓ କଠୋର ଆଇନ ଲାଗୁ କରିଥିଲେ । ବେନାମୀ କାରବାର (ନିରାକରଣ) ସଂଶୋଧନ ଆଇନ, ୨୦୧୬ ମଧ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ସେମାନଙ୍କର ବେନାମୀ ସମ୍ପତ୍ତି ବ୍ୟାଜାପ୍ତ ଓ ଜବତ କରିବା ଲାଗି କ୍ଷମତା ଦେଇଥାଏ ।

ଦୁର୍ନୀତି ନିବାରଣ କ୍ଷେତ୍ରରେ ସିବିଆଇର ଭୂମିକାକୁ ଡକ୍ଟର ମିଶ୍ର ପ୍ରଶଂସା କରିଥିଲେ । ରେକର୍ଡ ସ୍ତରରେ ଦଣ୍ଡବିଧାନ ସହିତ ସିବିଆଇ ପ୍ରଭାବୀ ଢଙ୍ଗରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବୋଲି ସେ କହିଥିଲେ । ସିବିଆଇ ନିର୍ଦ୍ଦେଶକ ଶ୍ରୀ ସୁବୋଧ କୁମାର ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇଥିଲେ । ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ଶ୍ରୀ ପ୍ରବୀଣ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଡକ୍ଟର ମିଶ୍ର ୩୪ ଜଣ ସିବି-ଆଇ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉତ୍କୃଷ୍ଟ ସେବା ପାଇଁ ପଦକ ବିତରଣ କରିଥିଲେ ।




## ଏ ସଂଖ୍ୟାରେ..



ସୌନ୍ଦର୍ଯ୍ୟ ବଢ଼ାଇବ ଭୃସୁଙ୍ଗ ପତ୍ର



ମହୌଷଧୀ କଲରା ପତ୍ର



ଅବସାଦ ଦୂର କରିବ କେଶର



ଶୀତର ସାଥୀ କରମଙ୍ଗା



ଗୋଲାପ ଜଳର ଚମତ୍କାରିତା



କଳାଜିରାର ଉପକାରିତା

## ବିଶ୍ୱାତ୍ମ ବିଦ୍ୟାମନ୍ଦିର, ବଲାଙ୍ଗୀରରେ ଷଷ୍ଠ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ମେଳା





ବଲାଙ୍ଗୀର : ବିଶ୍ୱାତ୍ମ ବିଦ୍ୟାମନ୍ଦିରର "ଷଷ୍ଠ ଆନ୍ତଃବିଦ୍ୟାଳୟ ବିଜ୍ଞାନମେଳା" ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ଶ୍ରୀ ସନାତନ ଠାକୁର, ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ବିଦ୍ୟାମନ୍ଦିରର ସମ୍ପାଦକ ନବୀନ କୁମାର ବେଦବାକ୍, ନିର୍ଦ୍ଦେଶିକା ମାଁ ଶ୍ରଦ୍ଧାର୍ମୂ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ । ଉକ୍ତ ଆନ୍ତଃବିଦ୍ୟାଳୟ ବିଜ୍ଞାନ ମେଳାରେ ବିଶ୍ୱାତ୍ମ ବିଦ୍ୟାମନ୍ଦିରର ସମସ୍ତ ଶାଖା ମାନଙ୍କରୁ ସମୁଦାୟ ୧୦୬ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହା ମଧ୍ୟରୁ ବିଭିନ୍ନ ବର୍ଗରେ ୨୦ଟି ବିଜ୍ଞାନ ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ କୃତୀ ଛାତ୍ର-ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ପରିଶେଷରେ ଚିାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା । ବିଦ୍ୟାମନ୍ଦିରର ବିଜ୍ଞାନ ଶିକ୍ଷକ-ଶିକ୍ଷୟିତ୍ରୀ ଶ୍ରୀ ରାଜାରାମ ପୁରୋହିତ, ସୁଶ୍ରୀ ଇଲାମୟୀ ପଟ୍ଟନାୟକ ଏବଂ ଶ୍ରୀ ଜୟରାମ ଭୋଇଙ୍କ ତତ୍ତ୍ୱାବଧାନରେ ଏହି ବିଜ୍ଞାନମେଳା ଆୟୋଜିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବିଜ୍ଞାନ ମେଳାର ସଂଯୋଜକ ଚନ୍ଦ୍ର କୁମାର ପୁରୋହିତ ସଂଯୋଜନା କରିଥିଲେ । ବିଦ୍ୟାମନ୍ଦିର ସଂଯୋଜକ ସସ୍ମିତ୍ କୁମାର ମଂଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଗବତ ନନ୍ଦଙ୍କ ଜୟନ୍ତୀ ପାଳିତ

ସମ୍ବଲପୁର : ସମାଜସେବୀ ସ୍ୱର୍ଗତ ଭାଗବତ ନନ୍ଦଙ୍କ ୮୬ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଭାଗବତ ନନ୍ଦ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ମୁଖ୍ୟ ଅତିଥି ଓ ଡକ୍ଟର ସୁଜିତ ପୃଷ୍ଟେଠ୍ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଡକ୍ଟର ଗୌରିଦାସ ପ୍ରଧାନ ସଭା ସଂଯୋଜନା କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଅବସରରେ ଯୁବ ସ୍ୱେଚ୍ଛାସେବୀ ରାମଦାସ ପଣ୍ଡାଙ୍କୁ ଭାଗବତ ନନ୍ଦ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ରବୀନ୍ଦ୍ର ମଣ୍ଡପରେ ସମ୍ବଲପୁରୀ ନାଟକ ଭାର୍ ଉଚ ପ୍ରଶଂସିତ

ଭୁବନେଶ୍ୱର : ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟସଂଘ ପକ୍ଷରୁ ନାଟ୍ୟଧାରାର ଶେଷ ନାଟକ ଭାର୍ ରବୀନ୍ଦ୍ର ମଣ୍ଡପ ମଞ୍ଚସ୍ଥ ହୋଇ ଦର୍ଶକମାନଙ୍କ ମନ ମୋହି ଉଚ୍ଚ ପ୍ରଶଂସିତ ହୋଇଛି । ଏଲ ମଞ୍ଚ ନାୟକ ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏହି ସମ୍ବଲପୁରୀ ନାଟକକୁ ପ୍ରଦୀପ ଭୋଳ ରଚନା କରିଥିଲେ ଏବଂ ପ୍ରଦୀପ ଫଂଡା ନିର୍ଦ୍ଦେଶନା ଦେଇଥିଲେ । ଏଲ ଅଭିନୟରେ ପ୍ରଦୀପ ପଣ୍ଡା, ସୁବାସ ଦାସ୍, ସଞ୍ଜିବ ପାଢୀ, ମମତା ପଣ୍ଡା, ସଙ୍ଗୀତା ସାହୁ ଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ସୁଶ୍ରୀ ସସ୍ମିତା ସାହୁ ଏବଂ ମଂଚସଜ୍ଜା ରେ ଥିଲେ ଦେବେନ୍ ଅମାତ ।

## ଜିଏମ୍‌ୟୁରେ ଭାଷା ଉତ୍ସବ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଭାରତୀୟ ଭାଷା ଉତ୍ସବ-୨୦୨୨ ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ଏନ୍.ନାଗାରାଜୁ ଏହାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ ଏକ ସ୍ୱାକ୍ଷର ଅଭିଯାନ 'ମୋ ଭାଷା ମୋ ଦସ୍ତଖତ' ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏଥିରେ କୁଳ ସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳ ସଚିବ ଡକ୍ଟର ଉମାଚରଣ ପତି ଓ ବିତ୍ତ ନିୟନ୍ତ୍ରକ କନକଲତା ଏକ୍କାଙ୍କ ସମେତ ଅଧାପକ ଓ ଅଧାପିକା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଡକ୍ଟର ସାଲ ବେସ୍ରା, ଡକ୍ଟର ପରୀକ୍ଷିତ ଭୋଇ, ଡକ୍ଟର ସଂଯୁକ୍ତା ପାଢ଼ୀ, ଡକ୍ଟର ରଞ୍ଜନ ସେଠୀ, ଡକ୍ଟର ପ୍ରଦୋଶ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ ।

## ସୋସିଆଲ ମିଡ଼ିଆରେ ଆତ୍ମ- ଅନୁରାଗ ପ୍ରକାଶନ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସୋସିଆଲ ମିଡ଼ିଆରେ ବ୍ୟକ୍ତିଗତ ତଥ୍ୟ ବହୁଳ ପ୍ରକାଶନ ଆତ୍ମ-ଅନୁରାଗର ପରିଚୟ ଦେଇଥାଏ । ମୁଖ୍ୟତଃ ନିଜ ବ୍ୟକ୍ତିତ୍ୱ, କୃତିତ୍ୱ ଓ ବଡିମା ସପକ୍ଷରେ ପ୍ରଚାରରେ ଆତ୍ମ-ଅନୁରାଗୀମାନେ ରୁଚି ରଖିଥାନ୍ତି । ଅତୀତରେ ଆତ୍ମ-ଅନୁରାଗ ପରିପ୍ରକାଶ ନିମନ୍ତେ ସାଧାରଣ ବ୍ୟକ୍ତିବିଶେଷଙ୍କ ପକ୍ଷେ ମଞ୍ଚ ଅଭାବ ଲାଗି ରହିଥିଲା । ସମ୍ବାଦପତ୍ର ଓ ପତ୍ରପତ୍ରିକା ପ୍ରକାଶନ, ଟେଲିଭିଜନ ପ୍ରସାରଣରେ ସାମିଲ ହେବା ଇତ୍ୟାଦି ବ୍ୟୟବହୁଳତା କାରଣରୁ ସେଭଳି ମଞ୍ଚର ଉପଯୋଗ ସହଜସାଧ ନ ଥିଲା । ତେବେ ଡ଼ିଜିଟାଲ ମଞ୍ଚର ପ୍ରସାରପରେ ବିନା ମୂଲ୍ୟରେ କିମ୍ବା କମ ଅର୍ଥ ବ୍ୟୟରେ ସୋସିଆଲ ମିଡ଼ିଆରେ ନିଜସ୍ୱ ପ୍ରଚାର ଅଭିଯାନ ଆୟୋଜନ ସଂଭବପର ହୋଇ ପାରୁଛି ।

ପ୍ରାଣୀ ଜଗତରେ ମନୁଷ୍ୟ ପରିବାର, ଗୋଷ୍ଠୀ ଗଠନ-ପୂର୍ବ ଅବସ୍ଥାରୁ ନିଜ ଅନୁଭବ, ଅଭିଜ୍ଞତା ଓ ଚିନ୍ତାପରିପ୍ରକାଶର ଉଦ୍ୟମ କରିଆସିଛି । ଭାବବିନିମୟରେ ଦକ୍ଷତା କାରଣରୁ ସଂଘବଦ୍ଧ ଜୀବନ ସୃଷ୍ଟି ଫଳରେ ମାନବସଭ୍ୟତାର କ୍ରମବିକାଶ ସଂଭବ ହୋଇଥିଲା । ଇତର ପ୍ରାଣୀମହଲରେ ମନୁଷ୍ୟର ଯୋଗାଯୋଗ କଳାକୌଶଳର ଉପଯୋଗ ହିଁ ତାହାରସ୍ୱତନ୍ତ୍ରତାର ମୁଖ୍ୟ ଆଧାର ।

ଯୋଗାଯୋଗ ପରିଧିରେ ରାସ୍ତାଘାଟ, ଯାନବାହାନ, ସାଜସରଞ୍ଜାମଠାରୁ ଆରମ୍ଭ କରି ଗଣମାଧମ ବହୁ ବିଭବ ସଂଶ୍ଳିଷ୍ଟ । ଭାବାବେଗ ପ୍ରକାଶ ନିମନ୍ତେ ଠାର, ଭାଷା, ଲିପି, ମୁଦ୍ରଣ, ବେତାର, ଚଳଚ୍ଚିତ୍ର ଓ ଇଣ୍ଟରନେଟ ମାନସିକସ୍ତରରେ ବିକଳ୍ପ ବିଶ୍ୱ ପରିକଳ୍ପନାରେ ଅନେକାଂଶରେ ସଫଳତା ହାସଲ କରିପାରିଛି । ଗଣମାଧମ ଉପତ୍ୟକାରେ ସୋସିଆଲ ମିଡ଼ିଆର ଅଭ୍ୟୁଦୟ ମାନବ ସଭ୍ୟତା ଲାଗି ଯୋଗାଯୋଗରେ ଏକ ନୂତନ ସମୀକରଣ ସୃଷ୍ଟି କରିଛି ।

ଆତ୍ମ-ଅନୁରାଗ ପ୍ରକାଶନ ନିମନ୍ତେ ଅତ୍ୟାଧୁନିକ ବୈଷୟିକ କଳାକୌଶଳ ଉପଯୋଗରେ ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଭଳି ମଞ୍ଚରେ ସେଲଫି ପ୍ରକାଶନ ଲୋକପ୍ରିୟ । ସୋସିଆଲ ମିଡ଼ିଆ ମଞ୍ଚରେ ଉପସ୍ଥିତି ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତି ମୂହୂର୍ତ୍ତରେ ସେ କ'ଣ କରୁଛନ୍ତି ତାହା ନିଜ ପରିଚିତ-ବନ୍ଧୁ ମହଲରେ ଜଣାଇବା ନିମନ୍ତେ ଉତ୍ସାହିତ କରିଥାଏ । ଏକାଂଶ ଉତ୍ସବାନୁଷ୍ଠାନରେ ନିଜ ଉପସ୍ଥିତିଠାରୁ ଆରମ୍ଭ କରି ଡ଼ାଇନିଂ ଟେବୁଲରେ କ'ଣ ଖାଦ୍ୟ ପରଷା ଯାଇଛି ତାହାର ଚିତ୍ର ଉତ୍ତୋଳନ କରି ସୋସିଆଲ ମିଡ଼ିଆରେ ପ୍ରସାରିତ କରିଥାନ୍ତି । ଯଦିଓ ଏଭଳି ପ୍ରକାଶନରେ କୌଣସି ମନ୍ଦ ପ୍ରଭାବ ଆଶା କରାଯାଇ ପାରେନା, ତେବେ ଅଧିକାଂଶ କ୍ଷେତ୍ରରେ ପାଠକ ଓ ଦର୍ଶକ ମଣ୍ଡଳୀ ଏହି ଆଚରଣକୁ ଏକରକମ ଆତ୍ମ-ଅନୁରାଗ ପ୍ରକାଶନ ରୂପେ ଗ୍ରହଣ କରିଥାନ୍ତି, ସ୍ଥଳ ବିଶେଷରେ ବାରମ୍ବାର ପ୍ରକାଶନରେ ପ୍ରକାଶକଙ୍କ ବ୍ୟକ୍ତିତ୍ୱ ପ୍ରଚାର ବନ୍ଧୁମହଲେ ପ୍ରଶଂସା ବଦଳରେ ସମାଲୋଚନାର ଉତ୍ସ ପାଲଟିଥାଏ ।

ଉପଭୋକ୍ତାଙ୍କ ଆତ୍ମ-ଅନୁରାଗ ଚରିତାର୍ଥ କରିବା ନିମନ୍ତେ ସୋସିଆଲ ମିଡ଼ିଆ ଆପ୍ଲିକେସନଗୁଡ଼ିକ ବ୍ୟାପକ ଗବେଷଣା କରି ସାଧନମାନ ସୃଷ୍ଟି କରିଥାନ୍ତି । ଉଦାହରଣରେ କମ୍ ବୟସ କିଶୋର କିଶୋରୀଙ୍କ ନୃତ୍ୟଗୀତ ପ୍ରତି ଦୁର୍ବଳତାକୁ ଉପଜୀବ୍ୟ କରି ତିନିରୁ ପନ୍ଦର ସେକେଣ୍ଡ ନିଜ ଅଭିନୟ ସମ୍ବଳିତ ଭିଡ଼ିଓ ପ୍ରସ୍ତୁତକରି ପ୍ରସାରଣରେ ଟିକଟକ ୨୦୧୬ରୁ ୨୦୧୮ ଦୁଇ ବର୍ଷ ମଧ୍ୟରେ ପଚାଶ କୋଟି ଉପଭୋକ୍ତା ସୃଷ୍ଟି କରିବାରେ ସମ୍ଭବପର ହୋଇପାରିଥିଲା । ସ୍ମାର୍ଟଫୋନରେ ସ୍ଥିରଚିତ୍ର ଓ ଭିଡ଼ିଓ ଉତ୍ତୋଳନକୁ ଗୁରୁତ୍ୱ ଦିଆଯାଉଛି । ଭିଡ଼ିଓ ସମ୍ପାଦନା କଳାକୌଶଳ ଚଳଚ୍ଚିତ୍ର ଷ୍ଟୁଡ଼ିଓରୁ ଫୋନ ଆପକୁ ସଂପ୍ରସାରିତ ହୋଇଛି ।

ଆତ୍ମ-ଅନୁରାଗ ଇଂଲିଶ ପ୍ରତିଶବ୍ଦ ନାରସିସିଜମ । ପୌରାଣିକ ଗ୍ରୀକ ଚରିତ୍ର ନାରସିଅସଠାରୁ ନାରସିସିଜମ ଶବ୍ଦର ଉତ୍ପତ୍ତି । ନାରସିସିଅସ ଥରେ ଜଳରେ ନିଜ ପ୍ରତିଛବି ଦେଖି ବିମୁଗ୍ଧ ହୋଇଯାଇଥିଲେ । ତେବେ ଅନବରତଭାବେ ଅତି ଦୀର୍ଘକାଳ ଜଳରେ ନିଜ ପ୍ରତିଛବି ଉପଭୋଗରୁ ବିରତ ନହେବା ଯୋଗୁଁ ମୃତ୍ୟୁବରଣ କରିଥିଲେ । ଆମେ ନିଜ ପ୍ରତିଛବିକୁ ଊଣାଅଧିକେ କେତେ ଭଲପାଉ ନାରସିଅସର ଉଦାହରଣରୁ ସୁସ୍ପଷ୍ଟ ।

ନାରସିସିଜମ ଏକରକମ ସହଜାତ ପ୍ରବୃତ୍ତିଭାବେ ଗ୍ରହଣ କଲେ ଉନବିଂଶ ଶତାବ୍ଦୀରେ ଫୋଟୋଗ୍ରାଫି ଉତ୍ତୋଳନ ପରଠୁ ଏହା ସାଧାରଣ ମନୁଷ୍ୟର ଉପଭୋଗ ସୂଚୀକୁ ଆସିଲା ବୋଲି କୁହାଯାଇପାରେ । ଫୋଟୋଗ୍ରାଫି-ପୂର୍ବ ସମୟରେ ଚିତ୍ରକରମାନେ ବିତ୍ତଶାଳୀ ଓ କ୍ଷମତାଶାଳୀଙ୍କ ପ୍ରତିଛବି ଅଙ୍କନ କରୁଥିଲେ । ତେବେ ଜନସାଧାରଣଙ୍କ ପାଇଁ ଏହା କ୍ଷମତା ବର୍ହିର୍ଭୁତ ବ୍ୟାପାର ଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ରଂଗୀନ ଫୋଟୋଗ୍ରାଫି ଓ ଭିଡ଼ିଓ ପରେ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ଶେଷଭାଗରେ ସ୍ମାର୍ଟଫୋନ ଉଦ୍ଭାବନ ସର୍ବସାଧାରଣଙ୍କ ପାଇଁ ଉଚ୍ଚମାନର ଉଭୟ ସ୍ଥିର ଓ ଚଳନ୍ତ ପ୍ରତିଛବି ଉତ୍ତୋଳନ ହାତପାଆନ୍ତାର ବିଷୟରେ ପରିଣତ ହେଲା । ତେବେ ସୋସିଆଲ ମିଡ଼ିଆ ପ୍ରଚଳନ ଜନସାଧାରଣଙ୍କ ପ୍ରତିଛବି ପ୍ରଦର୍ଶନ ପାଇଁ ଆବଶ୍ୟକୀୟ ମଞ୍ଚ ସୃଷ୍ଟିକରି ନାରସିସିଜମ ପ୍ରବୃତ୍ତି ଚରିତାର୍ଥ କରିବା ନିମନ୍ତେ ଉର୍ବର ଉପତ୍ୟକା ସୃଷ୍ଟିରେ ସହାୟକ ହୋଇପାରିଥିଲା ।

ଲି ହୁମ୍ଫେରେସ ଯୁକ୍ତରାଷ୍ଟ୍ର ଆମେରିକାର କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ଯୋଗାଯୋଗ ଅଧାପିକା । ସୋସିଆଲ ମିଡ଼ିଆରେ ଉପଭୋକ୍ତାଙ୍କ ଆତ୍ମକେନ୍ଦ୍ରୀକ ବର୍ଣ୍ଣନା ସଂପର୍କରେ ତାଙ୍କରି ଏକ ପୁସ୍ତକ 'ଦି କ୍ୱାଲିଫାଇଡ଼ ସେଲଫ ସୋସିଆଲ ମିଡ଼ିଆ ଏଣ୍ଡ ଦି ଏକାଉଣ୍ଟିଂ ଅଫ ଏଭିରିଡ଼େ ଲାଇଫ' ୨୦୧୮ରେ ପ୍ରକାଶିତ ହୋଇଥିଲା । ହୁମ୍ଫେରେସଙ୍କ ମତରେ ଦୈନନ୍ଦିନ ଡ଼ାଏରୀ ରଚନା ନାରସିସିଜମ ପ୍ରବୃତ୍ତିର ଅନ୍ୟତମ ପ୍ରାଚୀନ ବିଭବ । ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀରେ ଇଂଲଣ୍ଡ, ୟୁରୋପୀୟ ଦେଶପୁଞ୍ଜ ଓ ଆମେରିକାରେ ମହିଳାମାନଙ୍କ ମଧ୍ୟରେ ଡ଼ାଏରୀ ରଚନା ଲୋକପ୍ରିୟ ଥିଲା । ଡ଼ାଏରୀ ରଚନା ଓ ପଠନ ଏକାନ୍ତ ବ୍ୟକ୍ତିଗତ ହେଲେହେଁ, ଅନେକ ସମୟରେ ଘରକୁ ବନ୍ଧୁବାନ୍ଧବଙ୍କ ପରିଦର୍ଶନକାଳରେ ଗୃହକର୍ତ୍ତ୍ରୀଙ୍କ ଡ଼ାଏରୀ ପଢ଼ିବା ସୁଯୋଗ ଦିଆଯାଉଥିଲା । ଝିଅମାନେ ବିବାହ କରି ପତିଙ୍କ ଘର ଯିବାପରେ ସେଠାରେ ଲିଖିତ ଡ଼ାଏରୀଗୁଡ଼ିକୁ ସମୟାନ୍ତେ ବାପଘରକୁ ପଢ଼ିବା ପାଇଁ ପଠାଉଥିଲେ ।

ସୋସିଆଲ ମିଡ଼ିଆ ଡ଼ାଏରୀର ସଦ୍ୟତମ ରୂପ । ବିଭିନ୍ନ ମଞ୍ଚରେ ରଚନା, ଚିତ୍ର ଓ ଭିଡ଼ିଓ ପୋଷ୍ଟିଂ ସମକାଳରେ ପ୍ରବାହମାନ ଧାରା । ଦୈନନ୍ଦିନ ଜୀବନର ଘଟଣାବଳୀ ପରିବାର ସଦସ୍ୟ, ବନ୍ଧୁ ଓ ପରିଚିତବର୍ଗଙ୍କ ମଧ୍ୟରେ ପ୍ରସାରଣ ସାମାଜିକ ବନ୍ଧନକୁ ସୁଦୃଢ଼ କରିଥାଏ । ପରିବର୍ତ୍ତିତ ପରିବେଶରେ ପରିବାରର ସଦସ୍ୟମାନେ ଦୂରଦୂରାନ୍ତରେ ଅବସ୍ଥାପିତ ହେଉଥିବା ହେତୁ ଏବଂ ଫୋନଯୋଗେ ବା ପତ୍ରଲେଖି ସୁଖଦୁଃଖ ଆଳାପ ନିମନ୍ତେ ସମୟ ଅଭାବ କାରଣରୁ ସୋସିଆଲ ମିଡ଼ିଆ ବିକଳ୍ପ କ୍ଷେତ୍ର ପ୍ରସ୍ତୁତ କରିଥାଏ । ଏତଦ୍ୱାରା ଆତ୍ମୀୟତା ଓ ସାମାଜିକ ସଂପର୍କ ଦୃଢ଼ୀଭୂତ ହୋଇଥାଏ । ଅନ୍ୟମାନଙ୍କ ସହ ଯୋଡ଼ି ହେବାର ଆଗ୍ରହ ସୋସିଆଲ ମିଡ଼ିଆରେ ଉପସ୍ଥିତିରେ ପ୍ରମୁଖ କାରଣରୂପେ ଚିହ୍ନଟ କରାଯାଇଥାଏ ।

ତେବେ ସୋସିଆଲ ମିଡ଼ିଆରେ ମାତ୍ରାଧିକ ଆତ୍ମକେନ୍ଦ୍ରୀକ ମନୋଭାବ ସଂପନ୍ନ ରଚନା ଓ ଚିତ୍ର ପ୍ରଦର୍ଶନ ସଂପୃକ୍ତ ବିଶେଷଙ୍କ ନାରସିସିଜମ ପ୍ରବୃତ୍ତି ସୂଚିତ କରୁଥିବା ପାଠକ ଓ ଦର୍ଶକ ମହଲରେ ଆଲୋଚିତ ହୋଇଥାଏ । ଆତ୍ମ-ଅନୁରାଗୀ ବା ନାରସିସିଷ୍ଟ ବ୍ୟକ୍ତି ଅନ୍ୟମାନଙ୍କଠାରୁ ମୌଳିକଭାବେ ସେ ସ୍ୱତନ୍ତ୍ର ବୋଲି ବିଶ୍ୱାସ କରିଥାଏ । ବିଶ୍ୱାସ ବାସ୍ତବିକତାଠାରୁ ବହୁ ଦୂରରେ ସ୍ଥାନିତ । ତେଣୁ ଆତ୍ମ-ଅନୁରାଗ କାରଣରୁ ବ୍ୟକ୍ତିଗତ, ପାରିବାରିକ, ସାମାଜିକ ବା ବୃତ୍ତିଗତ ଜୀବନରେ ଅଘଟଣ ଘଟିଲେ ମନୋବିଜ୍ଞାନ ଚିକିତ୍ସା ଆବଶ୍ୟକ ପଡ଼ିପାରେ । ସୋସିଆଲ ମିଡ଼ିଆରେ କର୍ମଜୀବୀଙ୍କ ଆତ୍ମ-ଅନୁରାଗ ସମ୍ବଳିତ ପ୍ରଦର୍ଶନ ଭବିଷ୍ୟତରେ ବୃତ୍ତିଗତଜୀବନରେ ପ୍ରତିକୂଳ ପ୍ରଭାବ ପକାଇବା ଆଶଙ୍କା ଅମୂଳକ ନୁହେଁ । ବୃହତ ଶିଳ୍ପ ଓ ବ୍ୟାବସାୟିକ ସଂସ୍ଥାଗୁଡ଼ିକ ପକ୍ଷରୁ କର୍ମ ନିଯୁକ୍ତି ଓ ପଦୋନ୍ନତି ପାଇଁ କ୍ରମଶଃ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରାଯାଉଥିବା ହେତୁ ଆତ୍ମ-ଅନୁରାଗ ସଂପର୍କୀତ ତଥ୍ୟାବଳୀର ପର୍ଯ୍ୟାଲୋଚନା ସଂପୃକ୍ତ ପ୍ରାର୍ଥୀଙ୍କ ଚରିତ୍ର ମୂଲ୍ୟାୟନ କ୍ଷେତ୍ରରେ ନକାରାତ୍ମକ ପ୍ରଭାବ ସୃଷ୍ଟି କରିପାରେ ।

ସୋସିଆଲ ମିଡ଼ିଆରେ ଆତ୍ମ-ଅନୁରାଗ ପ୍ରତିଫଳନକୁ ରୋକିବା ନିମନ୍ତେ ପୋଷ୍ଟିଂର ରଚନା ଓ ଚିତ୍ର ଭାବାବେଗର ବଶବର୍ତ୍ତୀ ହୋଇ ପ୍ରକାଶ ନ କରି ଗଭୀର ଅନୁଶୀଳନର ଆବଶ୍ୟକତା ପଡ଼ିଥାଏ । ବିଶେଷତଃ ଯେଉଁମାନଙ୍କ ବନ୍ଧୁ ଓ ଅନୁଗାମୀ ଫ୍ରେଣ୍ଡସ, ଫଲୋଅର୍ସଙ୍କ ସଂଖ୍ୟା ଅଧିକ ସେମାନଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । କାରଣ ଦୀର୍ଘ ଯତ୍ନରେ ବିକଶିତ ବ୍ୟକ୍ତିତ୍ୱ ମାତ୍ର କେତେଗୋଟି ଆତ୍ମ-ଅନୁରାଗୀ ପୋଷ୍ଟିଂରେ ଖର୍ବ ହୋଇଯିବାର ଭୟ ଥାଏ ।

# ଅସୁରମାନଙ୍କ ଦୃଷ୍ଟିରେ ଜୀବନ

ଆସୁରୀ ପ୍ରକୃତି ବିଶିଷ୍ଟ ମନୁଷ୍ୟ ଜାଣନ୍ତି ନାହିଁ ଯେ ସେମାନଙ୍କୁ କେଉଁ କର୍ମରେ ପ୍ରବୃତ୍ତ ହେବା ଉଚିତ ଏବଂ କେଉଁ କର୍ମରୁ ନିବୃତ୍ତ ରହିବା ଉଚିତ, କାରଣ ତାଙ୍କ ପାଖରେ ନା ଶୁଚିତା, ନା ଶ୍ରେଷ୍ଠ ଆଚରଣ ନା ସତ୍ୟପାଳନର ଭାବନା ଥାଏ । ମନୁଷ୍ୟ ସେହି କର୍ମରେ ପ୍ରବୃତ୍ତ ହେବା ଉଚିତ, ଯାହାର ଆଚରଣ ଓ ଅନୁଶୀଳନ ଦ୍ୱାରା ସ୍ୱୟଂର ପରିମାର୍ଜନର ଅଥବା ସୃଷ୍ଟିର କଲ୍ୟାଣର ସମ୍ଭାବନା ବଳବତୀ ହୋଇଥାଏ । ଏହାର ବିପରୀତ ଯେଉଁ କାର୍ଯ୍ୟର ଆଚରଣ ଦ୍ୱାରା ସ୍ୱୟଂର ତଥା ସୃଷ୍ଟିର ଅକଲ୍ୟାଣ ହୋଇଥାଏ, ସେହି କର୍ମ ନିବୃତ୍ତି ଯୋଗ୍ୟ ହୋଇଥାଏ । ଆସୁରୀ ସ୍ୱଭାବ ଯୁକ୍ତ ବ୍ୟକ୍ତି ଏପରି କରିପାରିବାରେ ଏଥିପାଇଁ ଅସମର୍ଥ ହୋଇଥାନ୍ତି, କାରଣ ସେମାନଙ୍କ ପାଖରେ ଶୁଚିତା ଅର୍ଥାତ୍ ବାହ୍ୟ ଏବଂ ଆନ୍ତରିକ ଶୁଦ୍ଧି, ଶ୍ରେଷ୍ଠ ଆଚରଣ ତଥା ସତ୍ୟପାଳନ କରିବାର ଭାବ ରହି ନ ଥାଏ ।

ଆସୁରୀ ସ୍ୱଭାବ ବିଶିଷ୍ଟ ବ୍ୟକ୍ତି ସେହି କର୍ମରେ ପ୍ରବୃତ୍ତ ହୁଅନ୍ତି, ଯାହାକୁ କରିବା ଦ୍ୱାରା ସେମାନଙ୍କୁ ସୁଖ ମିଳିବା ଦେଖାଯାଏ ଏବଂ ଯେଉଁ କର୍ମ କରିବା ଦ୍ୱାରା ସେମାନଙ୍କୁ ନିଜର ସ୍ୱାର୍ଥସିଦ୍ଧି ହେବା ଦେଖାଯାଏ ନାହିଁ– ସେହି କର୍ମରୁ ତାଙ୍କର ନିବୃତ୍ତ ହୋଇଥାଏ ଅର୍ଥାତ୍ ଏପରି କର୍ମ କରିବାରୁ ସେମାନେ ଦୂରେଇ ରହିଥାନ୍ତି । ସ୍ୱାଭାବିକ ରୂପେ ଯାହା ପାଇଁ କେବଳ ନିଜର ସ୍ୱାର୍ଥ, ନିଜର ଅହଙ୍କାର ଏବଂ ନିଜର ଭୋଗ-ବିଳାସ ମୁଖ୍ୟ ହୋଇଥାଏ, ତାଙ୍କ ପାଇଁ ଧର୍ମ, ନ୍ୟାୟ, ନୀତି, ସଦାଚାର, ପରୋପକାର ପରି ବିଷୟ ଗୌଣ ହୋଇଯାଏ । ଯେହେତୁ ଆସୁରିକ ବୃତ୍ତି ଯୁକ୍ତ ମନୁଷ୍ୟ ପ୍ରବୃତ୍ତି ଏବଂ ନିବୃତ୍ତି ଅର୍ଥାତ୍ କ'ଣ କରିବ ଓ କ'ଣ ନ କରିବ ଏହି ଉଭୟକୁ ଜାଣେ ନାହିଁ, ସେଥି ପାଇଁ ତା' ପାଖରେ ନା ତ ବାହ୍ୟ ଓ ଆନ୍ତରିକ ଶୁଦ୍ଧି ଥାଏ, ନା ସେ ଏପରି ଆଚରଣ କରିପାରେ, ଯାହାକୁ ଶ୍ରେଷ୍ଠ ବା ପବିତ୍ର କୁହାଯାଇ ପାରିବ ଏବଂ ଏହା ସହିତ ସେ ନିଷ୍କପଟ, ହିତକର, ସତ୍ୟଭାଷଣ ଏବଂ ସତ୍ୟପାଳନ ଠାରୁ ମଧ ପୂର୍ଣ୍ଣ ରୂପେ ବିମୁଖ ହୋଇଥାଏ ।

ଜଗତ ଆଶ୍ରୟରହିତ, ସର୍ବଥା ଅସତ୍ୟ, ଈଶ୍ୱରଙ୍କ ବିନା, ଆପେ ଆପେ କେବଳ ସ୍ତ୍ରୀ-ପୁରୁଷଙ୍କ ସଂଯୋଗରୁ ଉତ୍ପନ୍ନ ହୋଇଛି, ତେଣୁ କେବଳ କାମ ହିଁ ଏହାର କାରଣ । ଏହା ବ୍ୟତୀତ ଏହି ସଂସାର ହେବାର ଅନ୍ୟ କ'ଣ କାରଣ ହୋଇପାରେ ? ଆସୁରୀ ବୃଦ୍ଧି ସମ୍ପନ୍ନ ମନୁଷ୍ୟର ଲକ୍ଷଣର ପରିଭାଷା ବୁଝାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଏହି ସ୍ୱଭାବ ଯୁକ୍ତ ବ୍ୟକ୍ତି ପ୍ରବୃତ୍ତି-ନିବୃତ୍ତିର ଭେଦକୁ ଜାଣନ୍ତି ନାହିଁ, ଏହା ସହିତ ସେମାନେ ଏହା କହିଥାନ୍ତି ଓ ମାନିଥାନ୍ତି ଯେ ଏହି ଚରାଚର ଜଗତର ଅର୍ଥାତ୍ ସଂସାରର ତ ଧର୍ମ-ଅଧର୍ମ ରୂପରେ କୌଣସି ପ୍ରକାର ଆଧାର ଓ ଆଶ୍ରୟ ନାହିଁ ଏବଂ ଯେତେବେଳେ କୌଣସି ପ୍ରକାର ଆଶ୍ରୟ ନାହିଁ ସେତେବେଳେ ଈଶ୍ୱରଙ୍କର ଅସ୍ତିତ୍ୱ ହିଁ ସନ୍ଦିଗ୍ଧ ହୋଇଯାଏ ତଥା ଏହି ଜଗତର କୌଣସି ରଚୟିତା, ଶାସକ ଏବଂ ନିୟାମକ ମଧ ନାହାନ୍ତି ।

ତାଙ୍କ ଅନୁସାରେ ଏହି ଜଗତ କୌଣସି ଈଶ୍ୱରଙ୍କ ବିନା କେବଳ ସ୍ତ୍ରୀ-ପୁରୁଷଙ୍କ ପରସ୍ପର କାମବଶତଃ ସଂଯୋଗ କାରଣରୁ ଉତ୍ପନ୍ନ ହୋଇଛି, ତେଣୁ କାମ ହିଁ ଏହାର ଅସ୍ତିତ୍ୱର ଏକମାତ୍ର କାରଣ ଅଟେ- ଏହା ବ୍ୟତୀତ ଏହାର ଅନ୍ୟ କୌଣସି ପ୍ରୟୋଜନ ନାହିଁ ।

ଏହି ବିଷୟ କହିବା ପଛରେ ସ୍ପଷ୍ଟ ଅଭିପ୍ରାୟ ହେଉଛି ଏପରି ସ୍ୱଭାବ ଯୁକ୍ତ ବ୍ୟକ୍ତି ମାନନ୍ତି ଯେ ଏହି ଜଗତର ଉଦ୍ଦେଶ୍ୟ କେବଳ ଏଠାରେ ଏହାର ମନଇଚ୍ଛା ଭୋଗ, ଭୋଗି ନେବା ଉଚିତ । ସେମାନଙ୍କର ଈଶ୍ୱରଙ୍କ ଠାରେ, କର୍ମ ବିଧାନରେ, କୌଣସି ଜୀବନ ଉଦ୍ଦେଶ୍ୟରେ ବିଶ୍ୱାସ ନଥାଏ, ତେଣୁ ସେମାନେ ଭାବନ୍ତି ଏଠାରେ ଯେଉଁ କ୍ଷଣିକ ସୁଖ ମିଳିଥାଏ– ତାହାକୁ ଭୋଗିବାରେ ଜୀବନକୁ କଟାଇ ଦେବା ଉଚିତ । ସେଥିପାଇଁ ଚାର୍ବାକ ଦର୍ଶନରେ କୁହାଯାଇଛି- ଯଦି ଏହି ଜୀବର କୌଣସି ଆବାଗମନ ନାହିଁ, ତା'ର ଜନ୍ମ ଭଗବାନଙ୍କ ଠାରୁ ହୋଇନାହିଁ, ତାକୁ ମରିବା ପରେ ନିଜ କର୍ମର ପରିଣାମ ପ୍ରାପ୍ତ କରିବା ପାଇଁ କେଉଁଆଡ଼େ ଯିବାର ନାହିଁ, ତାହେଲେ ଯେତେ ଦିନ ବଞ୍ଚିବ, ସୁଖ ଭୋଗ କରିବା ପାଇଁ ହିଁ ବଞ୍ଚ ।

ଏପରି ବଞ୍ଚିବାର ଇଚ୍ଛା ରଖୁଥିବା ବ୍ୟକ୍ତି ଯଦି ଉଧାର ନେଇ ମଧ ଘିଅ ପିଇବାକୁ ଚାହେଁ, ତାହେଲେ ଚିନ୍ତାର ବିଷୟ ନୁହେଁ, କାରଣ ମରିବା ପରେ କାହାକୁ କୌଣସି ହିସାବ ଦେବାର ନାହିଁ । ଯେତେ ବେଳେ କୌଣସି ହିସାବ ଦେବା –ନେବାକୁ କେହି ନାହାନ୍ତି, ତାହେଲେ ପୁଣି କର୍ମ କରିବା ସହିତ ଦାୟିତ୍ୱ ବୋଧର କଥା ମଧ ନିରର୍ଥକ ହୋଇଯାଏ । ସେଥି ପାଇଁ ଏପରି ଭାବନା ସମ୍ପନ୍ନ ବ୍ୟକ୍ତି, ଯେହେତୁ ତା'ର ବିଶ୍ୱାସ ଦାୟିତ୍ୱବୋଧ ବା କର୍ତ୍ତବ୍ୟ କର୍ମରେ ନ ଥାଏ, ସେଥିପାଇଁ ତାକୁ ଚୋରି, ଅପରାଧ, ହିଂସା, ବ୍ୟଭିଚାର କରିବାରେ କିଛି ଖରାପ ନଜରକୁ ଆସେ ନାହିଁ । ସେମାନେ ଭାବନା କରିଥାନ୍ତି ଯେ ଯଦି କୁକର୍ମ କରି ମଧ ସୁଖ ମିଳିଥାଏ ତେବେ ସେହି କୁକର୍ମକୁ ନିଃସଙ୍କୋଚ କରିବା ଉଚିତ, କାରଣ ଜୀବନ ନିରର୍ଥକ, ତାହାର କୌଣସି ପରମ ଉଦ୍ଦେଶ୍ୟ ନାହିଁ । ଏପରି ଚିନ୍ତନ ଆସୁରୀ ସ୍ୱଭାବ ଯୁକ୍ତ ବ୍ୟକ୍ତିର ହୋଇଥାଏ ।

ଏପର୍ଯ୍ୟନ୍ତ ତ କଥା ଠିକ୍ ଯେ ବ୍ୟକ୍ତି ଏପରି ଚିନ୍ତା କରୁଛି, କିନ୍ତୁ ଯଦି ଦେଖିବା ବ୍ୟକ୍ତିର ଏପରି ଚିନ୍ତାର ପରିଣାମ କ'ଣ ବାହାରୁଛି, ତେବେ ପରିଣାମ ସ୍ପଷ୍ଟ କରୁଛି ଯେ ସଂସାରର ସମସ୍ତ ଭୋଗକୁ ପାଗଳଙ୍କ ଭଳି ଭୋଗିନେବାର ଭାବ ରଖୁଥିବା ବ୍ୟକ୍ତିର ଜୀବନ ମଧ ପାଗଳାମିରେ, ଅସ୍ତବ୍ୟସ୍ତତାରେ, ଅରାଜକତାରେ ବଦଳିଯାଏ । ଦୈବୀ ସମ୍ପଦ ଯୁକ୍ତ ବ୍ୟକ୍ତିର ଜୀବନ ଏକ ଦିଗ, ଏକ ଲକ୍ଷ୍ୟ, ଏକ ଉଦ୍ଦେଶ୍ୟ ପାଇଁ ସମର୍ପିତ ହୋଇଥାଏ ।

ସେଥିପାଇଁ ତା' ଜୀବନରେ ଏକ ସନ୍ତୁଳନ, ଏକ ସଙ୍ଗୀତ, ଏକ ସାର୍ଥକତା ଦେଖିବାକୁ ମିଳିଥାଏ । ଏହାର ବିପରୀତ ଜଗତର ଅସ୍ତିତ୍ୱକୁ ନିରର୍ଥକ ବୁଝୁଥିବା, ଆସୁରୀ ସମ୍ପଦ ଯୁକ୍ତ ବ୍ୟକ୍ତିତ୍ୱର ଜୀବନ ପ୍ରାୟ ବିକ୍ଷିପ୍ତ ସମାନ ହୋଇଯାଏ । ତା' ଜୀବନରେ ନା କୌଣସି ଦିଗ ଥାଏ, ନା କୌଣସି ଗନ୍ତବ୍ୟ । ବାସନାର ଦଲକାଏ ପବନ ଆସେ ଏବଂ ସେ ତାହାକୁ ପୂର୍ଣ୍ଣ କରିବାକୁ ବାହାରି ପଡ଼େ । ଏବେ ସେହି ଦୌଡ଼ରୁ ମୁକ୍ତି ମିଳିଥାଏ କି ନାହିଁ ସେ ଅନ୍ୟ ଏକ ଦୌଡ଼ରେ ସାମିଲ ହୋଇଯାଏ । ଜୀବନ ତା' ପାଇଁ ଏକ ଧାଁ- ଦଉଡ଼, କେବେ ପୂର୍ଣ୍ଣ ହୋଇପାରୁ ନଥିବା ତୃଷାରେ ପରିବର୍ତ୍ତିତ ହୋଇଯାଏ ।

ଶ୍ରୀଭଗବାନ କହିଛନ୍ତି, ଆସୁରୀ ସ୍ୱଭାବ ଯୁକ୍ତ ବ୍ୟକ୍ତି ମାନିଥାଏ ଯେ ଏହି ଜଗତ ପଛରେ କୌଣସି ଈଶ୍ୱରଙ୍କର ଅସ୍ତିତ୍ୱ ନାହିଁ, ବରଂ ଏହା ତ ସ୍ତ୍ରୀ-ପୁରୁଷଙ୍କ କାମ-ସଂଯୋଗରୁ ହିଁ ଉତ୍ପନ୍ନ ହୋଇଛି । ଯେଉଁ ବ୍ୟକ୍ତି ଏହି ବିଚାର ରଖୁଥାଏ, ତା' ଜୀବନର ଏକମାତ୍ର ଲକ୍ଷ୍ୟ ବା ଉଦ୍ଦେଶ୍ୟ କାମନାଗୁଡ଼ିକର ଭୋଗ କରିବା ରହିଯାଏ । ପୁଣି ଏପରି ବ୍ୟକ୍ତି ପେଟ ଭରିବା ତଥା ପ୍ରଜନନ କରିବା ଅତିରିକ୍ତ ଜୀବନର କୌଣସି ଅନ୍ୟ ଲକ୍ଷ୍ୟ ବିଷୟରେ ଚିନ୍ତା କରିପାରି ନ ଥାଏ ।

ଏପରି ବ୍ୟକ୍ତିମାନଙ୍କୁ ନରପଶୁ, ନରପାମର ଅଟନ୍ତି ଯାହାଙ୍କ ଶରୀର ଓ ଆକୃତି ଯଦିଓ ମନୁଷ୍ୟ ସମାନ ହୋଇଥାଏ, ପରନ୍ତୁ ତାଙ୍କର ଚିନ୍ତନରେ କେବଳ ପାଶବିକ ପ୍ରବୃତ୍ତିର ଆଧିପତ୍ୟ ରହିଥାଏ । ସେମାନେ କାମଭୋଗ ଅତିରିକ୍ତ ଜୀବନର ଅନ୍ୟ କୌଣସି ଆଧ୍ୟାତ୍ମିକ ବା ସାର୍ଥକ ଲକ୍ଷ୍ୟର କଳ୍ପନା ମଧ କରି ପାରନ୍ତି ନାହିଁ । ଦୈବୀ ସମ୍ପଦ ଯୁକ୍ତ ବ୍ୟକ୍ତିର ଜୀବନ ଏକ ଅର୍ଥ, ଏକ ପ୍ରୟୋଜନ ପାଇଁ ସମର୍ପିତ ହୋଇଥାଏ ଏବଂ ଏଥିପାଇଁ ତା'ର ଜୀବନରେ ଆନନ୍ଦର କେବେହେଲେ ଅଭାବ ହୋଇ ନ ଥାଏ, ପରନ୍ତୁ ଆସୁରୀ ବ୍ୟକ୍ତିର ଜୀବନ କ୍ଷଣଭଙ୍ଗୁର ଭୋଗକୁ ଭୋଗିବାରେ ହିଁ ବ୍ୟତୀତ ହୋଇଯାଏ ଏବଂ ଏଥିପାଇଁ ତା' ଜୀବନରୁ ଅରାଜକତା ତଥା ବିକ୍ଷିପ୍ତତା କେବେହେଲେ ହ୍ରାସ ପାଇ ନ ଥାଏ ।

## ଆଜିର ଚିନ୍ତନ

କଥାରେ ଅଛି ଭଗବାନ ସବୁ ସହିପାରନ୍ତି, ହେଲେ ଗର୍ବ ସହିପାରନ୍ତି ନାହିଁ । ଶାସ୍ତ୍ରରେ ବି କୁହାଯାଇଛି ଗର୍ବଗଞ୍ଜନ ନରହରି, ଗର୍ବ ନରଖନ୍ତି କାହାରି । ଏକଦା ନାରଦଙ୍କ ମନରେ ଗର୍ବ ଆସିଲା ଯେ, ଏହି ତ୍ରିଭୁବନରେ ତାଙ୍କ ପରି ବଡ଼ ଭକ୍ତ ଆଉ କେହି ନାହାଁନ୍ତି । ଏକଥା ଭଗବାନ ଜାଣିପାରି ନାରଦଙ୍କୁ ଡାକି କହିଲେ– ମର୍ତ୍ତ୍ୟ ଭୂମିରେ ମୋର ଜଣେ ଗୃହୀ ଭକ୍ତ ଅଛନ୍ତି । ତାଙ୍କ ପାଖକୁ ଯାଇ ଧର୍ମ ବିଷୟରେ ଆଲୋଚନା କରି ଆସିବ । ନାରଦ କାଳ ବିଳମ୍ବ ନ କରି ମର୍ତ୍ତ୍ୟ ଭୂମି ଆଡ଼କୁ ଅଗ୍ରସର ହୋଇ ସେହି ଭକ୍ତଙ୍କ ନିକଟରେ ଯାଇ ପହଞ୍ଚି ଦେଖନ୍ତେ, ଭକ୍ତ ଜଣକ ହେଉଛନ୍ତି ଜଣେ କୃଷକ । କୃଷକଟି ସକାଳୁ ଉଠି ପ୍ରଭୁଙ୍କ ନାମ ସ୍ମରଣ କରି ବିଲକୁ କାମ କରିବାକୁ ଯାଉଛି । ଦିନସାରା ବିଲରେ କାମ କରି ସନ୍ଧ୍ୟାରେ ଘରକୁ ଫେରୁଛି । ରାତିରେ ଖାଇସାରି ଆଉଥରେ ହରିଙ୍କ ନାମ ନେଇ ଶୋଇବାକୁ ଯାଉଛି । ନାରଦ ମନେମନେ ଭାବିବାକୁ ଲାଗିଲେ– ଦିନକୁ ଯିଏ କେବଳ ଦୁଇଥର ପ୍ରଭୁଙ୍କ ନାମ ନେଇ ପାରୁଛି ତାଙ୍କଠାରେ ମୁଁ କି ଧର୍ମଚର୍ଚ୍ଚା କରିବି ? ନାରଦ ବୈକୁଣ୍ଠକୁ ଫେରିଆସି ସବୁ କଥା ଭଗବାନ ବିଷ୍ଣୁଙ୍କୁ କହିଲେ । ସବୁ ଶୁଣିସାରି ଭଗବାନ ବିଷ୍ଣୁ କହିଲେ– ଗୋଟିଏ କାମ କର, ଏହି ତେଲମାଠିଆକୁ ମୁଣ୍ଡରେ ଧରି କିଛି ସମୟ ବୁଲି ଆସିବ । କିନ୍ତୁ ମନେ ରଖିବ, ଟୋପାଏ ତେଲ ସୁଦ୍ଧା ଯେପରି ତଳେ ନ ପଡ଼େ । ନାରଦ ଅତି ସତର୍କତାର ସହ ଆଦୌ ବିଚଳିତ ନହୋଇ ତେଲମାଠିଆ ଧରି ବୁଲିବାକୁ ବାହାରି ପଡ଼ିଲେ । ଚାଲିବା ସମୟରେ ସେ କେବଳ ମାଠିଆକୁ ହିଁ ଧାନ ଦେଉଥିଲେ, ଯେଉଁଭଳି ତେଲ ତଳେ ପଡ଼ି ନ ଯାଏ । କିଛି ସମୟ ମଧରେ ବୁଲି ଆସି ବୈକୁଣ୍ଠ ଧାମରେ ପହଞ୍ଚିଗଲେ । ଭଗବାନ ବିଷ୍ଣୁ ଦେଖିଲେ, ସତରେ ତେଲ ମାଠିଆରୁ ଟୋପାଏ ସୁଦ୍ଧା ତେଲ ତଳେ ପଡ଼ିନାହିଁ । ଭଗବାନ ବିଷ୍ଣୁ ପଚାରିଲେ, ନାରଦ ତେଲମାଠିଆ ମୁଣ୍ଡରେ ନେଲାବେଳେ ମୋ ନାମ ତୁମେ କେତେ ଥର ନେଇଛ । ନାରଦ ଆବାକ୍ । କହିଲେ– ତେଲ ପଡ଼ିଯିବା ଭୟରେ ମୁଁ ଅତି ସତର୍କତାର ସହ, ମନ କାଳେ ଚଞ୍ଚଳ ହୋଇଯିବ, ତେଣୁ ଆପଣଙ୍କ ନାମ ନେଇ ପାରିଲି ନାହିଁ । ଭଗବାନ କହିଲେ ନାରଦ ତୁମେ ସାମାନ୍ୟ ତେଲ ମାଠିଆକୁ ମୁଣ୍ଡରେ ନେଇ ଥରେ ହେଲେ ମୋ ନାମ ନେଇ ପାରିଲ ନାହିଁ । କିନ୍ତୁ ସେହି ଯେଉଁ ଚାଷୀ, ଯାହାର ମୁଣ୍ଡରେ ସଂସାରର ବୋଝ ରହିଛି, ସେ କିଭଳି ମୋ ନାମ ନେଇପାରିବ ? ତଥାପି ଏତେ ଜଞ୍ଜାଳ ଭିତରେ ରହି ସୁଦ୍ଧା ସେ ମୋ ନାମ ଦୁଇଥର ଅତି ଆନ୍ତରିକତାର ସହ ନେଇପାରୁଛି । ନାରଦ ଲଜ୍ଜାରେ ନାଲି ପଡ଼ିଗଲେ । ତାଙ୍କର ଗର୍ବ ଚୂରମାର ହୋଇଗଲା ।

# ମନୁଷ୍ୟର ଋଣ

ପଣ୍ଡିତ ନାମଯଜ୍ଞ ମିଶ୍ର

ଜଣେ ସଦ୍‌ପୁରୁଷଙ୍କର ବୈରାଗ୍ୟଜାତ ହେଲା । ସେ ଘର ଦ୍ୱାର ପିତାମାତା ସମସ୍ତଙ୍କୁ ପରିତ୍ୟାଗ କରି ସନ୍ୟାସୀ ହୋଇଗଲେ ଓ ମୋକ୍ଷପ୍ରାପ୍ତି ପାଇଁ କଠୋର ତପସ୍ୟା କଲେ । ଧାନ, ଧାରଣା, ଜପ ତପ ଓ ସର୍ବଦା ହରିନାମ କୀର୍ତ୍ତନରେ ମଜ୍ଜି ରହିଲେ । ଦିନେ ତାଙ୍କର ମୃତ୍ୟୁ ହୋଇଗଲା । ମଲାପରେ ତାଙ୍କର ଆତ୍ମା ସଂଜୀବନୀ ପୁରରେ ଚିତ୍ରଗୁପ୍ତ ଓ ଯମରାଜଙ୍କ ନିକଟରେ ପହଞ୍ଚିଗଲା । ଚିତ୍ରଗୁପ୍ତ ପାଞ୍ଜି ଦେଖି କହିଲେ, ଏହାଙ୍କ ଜନ୍ମ ଏକ ଉତ୍ତମ ପରିବାରରେ ହେବା କଥା । ଧର୍ମରାଜ ଯମ ସ୍ୱୀକୃତି ଦେଲେ କିନ୍ତୁ ସନ୍ଥ ଆତ୍ମା ପ୍ରତିବାଦ କଲେ । କହିଲେ, ମୁଁ ପୁନର୍ଜନ୍ମ ନ ପାଇବାକୁ ଓ ଜନ୍ମ ମରଣ ଚକ୍ରରୁ ମୋକ୍ଷ ପାଇବାକୁ ଜୀବନ ବ୍ୟାପୀ ସାଧନା କରି ଆସିଛି । ସେ ସବୁ କ'ଣ ବ୍ୟର୍ଥ । ମୁଁ ପୁନର୍ଜନ୍ମ ପାଇବି କାହିଁକି ?

ଧର୍ମରାଜ ତାଙ୍କୁ ବୁଝାଇବାକୁ ଯାଇ କହିଲେ 'ମହାତ୍ମନ୍ ! ଆପଣଙ୍କର ଜୀବନ ବ୍ୟାପୀ ସାଧନା ବ୍ୟର୍ଥ ଯାଇ ନାହିଁ । ତେଣୁ ତ ଆପଣ ଏକ ଉତ୍ତମ ପରିବାରରେ ଜନ୍ମ ହେବେ । ଏହି ସଂସାରରେ ମାନବ ଶରୀର ଅତ୍ୟନ୍ତ ଦୁର୍ଲଭଶରୀର । ମନୁଷ୍ୟ ପିତା ମାତାଙ୍କ ଠାରୁ ଜନ୍ମନିଏ । ପିତା ମାତା ବହୁ କଷ୍ଟ ସହି ତାକୁ ପାଳନ କରନ୍ତି । ସେମାନଙ୍କ ତ୍ୟାଗ ଅପୂର୍ବ । ଏତଦ୍ ବ୍ୟତୀତ ସମାଜର ସ୍ନେହ ରୀତିନୀତି ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ସେ ବଳିଷ୍ଠ ହୁଏ । ସମସ୍ତଙ୍କର ସାହାଯ୍ୟ ସହଯୋଗରେ ସେ ବଢ଼େ ପୁଣି ଜଳ, ବାୟୁ, ଅଗ୍ନି ସୂର୍ଯ୍ୟ, ଚନ୍ଦ୍ରଙ୍କର କିରଣ, ବୃକ୍ଷଲତାର ଫଳ, ଫୁଲ, ଶାକ, କନ୍ଦ ତା ଦେହକୁ ପରିପୁଷ୍ଟ କରିଥାଏ । ଗୁରୁଙ୍କ ଠାରୁ ବିଦ୍ୟା ଶିକ୍ଷା ମାନକୁ ଉନ୍ନତ କରିଥାଏ । ଶରୀର ଓ ମନ ଠିକ୍ ନ ଥିଲେ ଆପଣ ଈଶ୍ୱରାଧନା ଓ ଯାବତୀୟ ସାଧନା କରିବାକୁ ସକ୍ଷମ ହୋଇ ପାରିଥାନ୍ତେ କି ? ଏହିପରି ଭାବେ ପ୍ରତ୍ୟେକ ମନୁଷ୍ୟର ଜୀବନ ଅନେକଙ୍କ ଋଣରେ ବନ୍ଧା ହୋଇ ରହିଥାଏ ।

ପିତାମାତାଙ୍କ ଋଣକୁ ପିତୃ ମାତୃ ଋଣ କହନ୍ତି । ସନ୍ତାନ ଯଦି ସକ୍ଷମ ହୋଇ ଦୁର୍ବଳାବସ୍ଥାରେ ପିତାମାତାଙ୍କ ଉପଯୁକ୍ତ ସେବା ଯତ୍ନ କରେ ବିବାହ କରି ବଂଶ ଧାରାକୁ ବଜାୟ ରଖେ, ସେ ମାନଙ୍କର ମଲାପରେ ବି ଶ୍ରଦ୍ଧାରେ ଶ୍ରାଦ୍ଧ ଦାନ କରେ ତେବେ ସେ ପିତୃମାତୃ ଋଣରୁ ଉଦ୍ଧାର ପାଏ । ମନୁଷ୍ୟ ଯଦି ନିଜ ସାମର୍ଥ୍ୟ ଓ ଉପାର୍ଜନକୁ କେବଳ ନିଜ ସ୍ୱାର୍ଥରେ ନ ଲଗାଇ ନ୍ୟାସୀ ଭାବରେ ପରୋପକାରରେ ଲଗାଇ ସମାଜର ଉନ୍ନତି ପାଇଁ ହିଁ ବ୍ୟୟକରେ ତାର ସାମାଜିକ ଋଣ ପରିଶୋଧ ହୋଇଥାଏ । ଆମ୍ଭେମାନେ ପାଉଥିବା ଜଳ, ବାୟୁ, ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରଙ୍କ କିରଣ, ଭୂମି ସମୁଦ୍ର, ବିଭିନ୍ନ ପ୍ରାଣୀ, ସ୍ଥାବର, ବୃକ୍ଷଲତାର ଶସ୍ୟ, କନ୍ଦ, ଫଳମୂଳ, ମହୁ, ବିଭୀକ୍ଷୀର ଇତ୍ୟାଦି ଏ ସବୁ ଦେବତାଙ୍କ ଦାନ । ଦେବଋଣ ତେଣୁ ପ୍ରକୃତିର ପୂଜା, ପରିବେଶର ନିର୍ମଳତ୍ୱ ରକ୍ଷା କରିବା, ଦେବତାଙ୍କ ପାଇଁ ହବିଯଜ୍ଞ କରିବା, ଜନ୍ମ ଭୂମିର ଉନ୍ନତି ଓ ସୁରକ୍ଷା ପାଇଁ ଆତ୍ମଦାନ କରିବା, କୃଷି ଓ ବୃକ୍ଷ ରୋପଣ କରି ପ୍ରକୃତିର ଗୌରବ ବଢ଼ାଇ ଦେବ ଋଣ ପରିଶୋଧ ହୁଏ । ଗୁରୁଙ୍କ ଠାରୁ ବିଦ୍ୟା ଶିକ୍ଷା କରି ତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ସହ ତାଙ୍କ ଶିକ୍ଷାକୁ ଅନ୍ୟମାନଙ୍କୁ ପ୍ରଦାନ କରି ପ୍ରସାରିତ କଲେ 'ଗୁରୁ ଋଣ' ପରିଶୋଧ ହୋଇଥାଏ । ପୂର୍ବ କାଳରୁ ଆମରି ହିତ ପାଇଁ ତପସ୍ୱୀ ଋଷିଗଣ ବହୁତ୍ୟାଗ ସ୍ୱୀକାର କରି ଅନେକ ଶାସ୍ତ୍ର ରଚନା କରି ଯାଇଛନ୍ତି । ସାହିତ୍ୟ ଓ ବିଜ୍ଞାନ ସୃଷ୍ଟି କରି ଯାଇଛନ୍ତି ସେ ଗୁଡିକର ଚିନ୍ତା ଓ ଚେତନା ମନୁଷ୍ୟ ଜୀବନକୁ ଉନ୍ନତ କରି ସଭ୍ୟତାର ବିକାଶ ଘଟାଇ ଆସିଅଛି । ସେଗୁଡିକର ସଂରକ୍ଷଣ, ପ୍ରଚାର ପ୍ରସାର କରିବା ନିଜେ ଅନୁରୂପ ସାହିତ୍ୟ ଓ ବିଜ୍ଞାନ ସୃଷ୍ଟି କରିବାରେ ବ୍ରତୀ ହେଲେ ଋଷି ଋଣ ପରିଶୋଧ ହୁଏ ।

ହେ ପବିତ୍ର ଆତ୍ମା ତୁମ୍ଭେ ଈଶ୍ୱରଙ୍କ ପାଇଁ ସାଧନା କରିଥିଲେ ସୁଦ୍ଧା ଉପରୋକ୍ତ ଋଣାଦି ପରିଶୋଧ ପାଇଁ କିଛି କରି ନାହିଁ ? ଆପଣଙ୍କର ଋଣରେ ଶରୀର ଧାରଣ କରି କେବଳ ନିଜ ସ୍ୱାର୍ଥ ମୋକ୍ଷ ପ୍ରାପ୍ତି ନିମିତ୍ତ ଈଶ୍ୱରଙ୍କ ଧାନ ଧାରଣାରେ କଟାଇଛ । ଅନେକଙ୍କ ଠାରୁ ଉପକାର ପାଇ ସୁଦ୍ଧା କେବେ ପରୋପକାର ପ୍ରତି ଧାନ ଦେଇନାହିଁ । ଚିନ୍ତାକର, ଏ ଶରୀର ନ ଥିଲେ ତୁମେ ଈଶ୍ୱର ଚିନ୍ତନ କରି ପାରିଥାନ୍ତ କି ? ମନେରଖ, ଏଭଳି ଋଣୀ କୁ ଈଶ୍ୱର ମୋକ୍ଷ ପ୍ରଦାନ କରନ୍ତି ନାହିଁ । ଏଣୁ ଯାଅ ଉତ୍ତମ ପରିବାରରେ ପୁର୍ନଜନ୍ମ ଲାଭ କରି ଏ ସବୁ ମନୁଷ୍ୟର ଋଣ ପରିଶୋଧ କରି ମୋକ୍ଷ ଲାଭ ପାଇଁ ଫେରି ଆସିବ । ତେବେ ଈଶ୍ୱର ନିଶ୍ଚୟ କୋଳେଇ ନେଇ ମୋକ୍ଷ ପ୍ରଦାନ କରିବେ । ଦୁର୍ଲଭମାନବ ଶରୀର ଧାରଣ କରି ଯେଉଁ ଆତ୍ମା ଉପରୋକ୍ତ ମନୁଷ୍ୟ ଋଣ ପରିଶୋଧ ପାଇଁ ସର୍ବଦା ପ୍ରଯତ୍ନଶୀଳ ରହି ଈଶ୍ୱରାର୍ପିତ ରହେ ତାକୁ ଜୀବନ୍ମୁକ୍ତ କହନ୍ତି । ଏଭଳି ଆତ୍ମା ଅବଶ୍ୟ ମୋକ୍ଷ ଲାଭ କରେ ।

ବରପାଲିପଡ଼ା,
ବଲାଙ୍ଗୀର

ବର୍ଷ ୨୬, ସଂଖ୍ୟା- ୫୧, ୧୮ - ୨୪ ଡିସେମ୍ବର ୨୦୨୨


# ଆଧୁନିକତା ନା ଜଟିଳ ଜୀବନ !

**ବ୍ୟ**କ୍ତି ବ୍ୟକ୍ତି ମଧ୍ୟରେ ଆଜି ପ୍ରତିଦ୍ୱନ୍ଦ୍ୱିତା ଓ ସ୍ୱାର୍ଥ ଏତେ ବଢ଼ି ଯାଇଛି ଯେ ମାନବିକତା ହଜି ଯାଇଛି । ଦ୍ୱିତୀୟ ଭଗବାନଙ୍କ ସମ୍ମାନ' ପାଉଛନ୍ତି ଡାକ୍ତର । କାରଣ ସିଏ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଥିବା ରୋଗୀଙ୍କ ସାହା ଭରସା । କିଛି ନ୍ୟସ୍ତସ୍ୱାର୍ଥ ଡାକ୍ତର ନିଜର ଦାୟିତ୍ୱ ଭୁଲି ରୋଗୀ ଦେଖିବା ନାମରେ ଓ ଟଙ୍କା ଲୋଭରେ ରୋଗୀଙ୍କୁ ଶୋଷଣ କରିବା ସହ ଅସ୍ତ୍ରୋପଚାର ନାମରେ ଜୀବନ ନେବାକୁ ପଛାଉ ନାହାନ୍ତି । କେବଳ ସେତିକି ନୁହେଁ, ମୃତ୍ୟୁ ପରେ ଚିକିତ୍ସାଳୟରେ ଶବ ଦେବା ପାଇଁ ଅମଙ୍ଗ ହେବା ଠାରୁ ଆରମ୍ଭ କରି ଅଙ୍ଗ ବିକ୍ରି ନକଲି ଔଷଧ ମଧ ଦେବାର ନଜିର ରହିଛି । ୧୦୨, ୧୦୮, ମହାପ୍ରୟାଣ ଗାଡ଼ି ଅଛି ସତ, କିନ୍ତୁ ଆଜି ବି ଜଣେ ଦୁର୍ଘଟଣାରେ ବଞ୍ଚିବା ପାଇଁ ସାହାଯ୍ୟ ମାଗୁଥିବା ବେଳେ ଆଗ ଫଟୋ, ଭିଡିଓ ସଂଗ୍ରହ କରି ସାମାଜିକ ଗଣମାଧମରେ କିଛି ଲୋକ ପୋଷ୍ଟ କରିବା ପରେ ଆଶୁ ଆରୋଗ୍ୟ ପାଇଁ ବ୍ୟବସ୍ଥା ହୋଇଥିବା ଗାଡ଼ିକୁ ଫୋନ କରିବେ । ସେତେବେଳକୁ ପୀଡ଼ିତ ଲୋକ ବଞ୍ଚି ଥାଇ ପାରେ କିମ୍ବା ଖଣ୍ଡାଧାରରେ ଜୀବନ ଥାଏ, ପୁଣି କେତେବେଳେ ଜୀବନ ଚାଲିଯାଏ । ସେହିପରି ଶିଳ୍ପସଂସ୍ଥା ପ୍ରତିଷ୍ଠା ହେଉଛି ରୋଜଗାର ଦେବା ପାଇଁ ଦେଶରେ ପରିବେଶ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ଆଇନ ଅଛି ; କିନ୍ତୁ ତା'କୁ କିଛି ପ୍ରତିଷ୍ଠାନ ନ ମାନି କାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ, ବିଷାକ୍ତ ଜଳ, ବିଷାକ୍ତ ରାସାୟନିକ ପଦାର୍ଥକୁ ପରିବେଶ ସହ ମିଶିବା ପାଇଁ ଛାଡ଼ି ଦେଉଛନ୍ତି । ଫଳରେ ବାୟୁ ଜଳ, ମୃତ୍ତିକା ପ୍ରଦୂଷଣ ହେବା ସହ ଲୋକଙ୍କ ଜୀବନ ମଧ ଯିବାର ନଜିର ରହିଛି । ଅନେକ ସମୟରେ ଚାଷ ଜମିକୁ ଦୂଷିତ ପଦାର୍ଥ ମାଡ଼ି ଯାଇ ଏକର ଏକର ଜମି ବନ୍ଧ୍ୟା ପାଲଟିଯାଇଛି । ଏସିଡ ବର୍ଷା, ଆଲଗାଲ ବ୍ଲୁମ୍, ଦୂରଦୃଷ୍ଟି ହ୍ରାସ ପରି ସ୍ଥିତି ଉପୁଜିବା ସହ ଅନେକ ଦୁର୍ଘଟଣା ଘଟୁଛି । ସେହିପରି ଜଳ, ସ୍ଥଳ ଓ ଆକାଶରେ ଅନେକ ଜୀବଜନ୍ତୁଙ୍କ ଉପରେ ମଧ ପରିବେଶ ପ୍ରଦୂଷଣର ପ୍ରଭାବ ପଡୁଛି । ଆଜିର ଦିନରେ ଶାଗୁଣା, ଭଦଭଦଳିଆ ଓ ଘରଚଟିଆ ପରି ଅନେକ ପ୍ରଜାତି ପକ୍ଷୀର ବଂଶ ଲୋପ ପାଇବାରେ ଲାଗିଛି । ବଡ଼ ବଡ଼ ସୁଦୃଶ୍ୟ ଅଟ୍ଟାଳିକା ଆଜି ମାଳ ମାଳ, କିନ୍ତୁ ଗୋଟେ ଗଛ ଦେଖିବାକୁ ମିଳୁନି । ଅମ୍ଳଜାନ ଅଭାବ ଯୋଗୁଁ କରୋନା ମହାମାରୀରେ କେତେ ଲୋକଙ୍କ ଜୀବନ ଗଲା ତାହା ସମସ୍ତେ ଦେଖିଲେ । ଖରା ଦିନେ ଅନେକ ଅଞ୍ଚଳରେ ମଣିଷ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲଗାଏ, କିନ୍ତୁ ସେଇଥିରୁ ନିର୍ଗତ କ୍ଲୋରଫ୍ଲୋର ଗ୍ୟାସ ପୁଣି ବାୟୁ ମଣ୍ଡଳରେ ଥିବା ଓଜୋନ୍ ସ୍ତରରେ ଛିଦ୍ର କରି ଅତିବାଇଗଣୀ ରଶ୍ମୀ ଯୋଗୁଁ ଚର୍ମ ରୋଗରେ ପୀଡ଼ିତ ହୁଏ । ସେହିପରି ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ମେରୁ ଅଞ୍ଚଳରେ ଥିବା ବରଫ ତରଳିବାରେ ଲାଗୁଛି । ଫଳରେ ସମୁଦ୍ର ପତ୍ତନ ବୃଦ୍ଧି ପାଇବା ସହ ଅନେକ ଉପକୂଳ ଅଞ୍ଚଳ, ରାଜ୍ୟ, ଦେଶ ସମୁଦ୍ର ଗର୍ଭରେ ଲୀନ ହେବା ସ୍ଥିତିରେ । କୋପେନ ହେଗେନରେ ଅନୁଷ୍ଠିତ ସମ୍ମିଳନୀର ରିପୋର୍ଟ ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ୬ଟି ଦେଶର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ଥିବା ବେଳେ ଆମ ଦେଶର କୋଲକାତା ମଧ ସେହିଭଳି ସ୍ଥିତିରେ ରହିଛି ।

ଅଧିକ ଉତ୍ପାଦନ ପାଇଁ ଜୈବିକ ସାର ସ୍ଥାନରେ ବିଷାକ୍ତ ରାସାୟନିକ ସାର, କୀଟନାଶକ ଔଷଧ ଯୋଗୁଁ ମୃତ୍ତିକାର ବନ୍ଧୁ ଜିଆର ମୃତ୍ୟୁ ଘଟୁଛି । ଫଳରେ ମୃତ୍ତିକାର ଉର୍ବରତା ହ୍ରାସ ପାଇବା ସହ ସେହି ଉତ୍ପାଦିତ ଖାଦ୍ୟ ଖାଇ ଆମେ ବିଭିନ୍ନ ରୋଗକୁ ନିମନ୍ତ୍ରଣ କରୁଛୁ । ଶିକ୍ଷା ଆଜି ବ୍ୟବସାୟଭିତ୍ତିକ ହୋଇଯାଇଛି । 'ସା ବିଦ୍ୟା ୟା ବିମୁକ୍ତୟେ'ର ମହତ୍ ବାଣୀର ସନ୍ଦେଶ ଆଜି ଅନେକ ଦୂରରେ । ଯିଏ ଯେତେ ଟଙ୍କା ଦେଇ ପାରିଲା ସେ ସେତେ ବଡ଼ ବଡ଼ ଶିକ୍ଷାନୁଷ୍ଠାନରେ ପଢ଼ିପାରିବ । ଗରିବ ବର୍ଗର ଅନେକ ପ୍ରତିଭାଧାରୀମାନେ ଆଜି ଏହି କାରଣ ଯୋଗୁଁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ।

ଦୁର୍ନୀତି ଏବେ ରକ୍ତର ଧମନୀରେ । ବିନା ଲାଞ୍ଚ ଓ ଚିହ୍ନା ଜଣା ଯୋଜନା ବିନା ଏଠି କିଛି କାମ ହେବ ନାହିଁ । ପ୍ରତିଭା ଏଠି ପ୍ରତାରିତ ହୁଏ, ଆଉ ଦୁର୍ନୀତି ଜୟଯୁକ୍ତ । ଆରଟିଆଇ, ସିସି କ୍ୟାମେରା, ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ସତ୍ତ୍ୱେ ଆଜି ବି ଆମ ଦେଶ ୧୮୦ଟି ସ୍ଥାନ ମଧ୍ୟରେ ୮୫ତମ ସ୍ଥାନରେ । ସାମାନ୍ୟ ସ୍ୱାର୍ଥ ପାଇଁ ମାନବ ହିତରେ ତିଆରି ହୋଇଥିବା ପରମାଣୁ ବୋମାକୁ ଆଜି ସାମ୍ରାଜ୍ୟ ବିସ୍ତାର ପାଇଁ ଅନେକ ଦେଶ ବ୍ୟବହାର କରୁଛନ୍ତି । ଆଧିପତ୍ୟ ବିସ୍ତାର ପାଇଁ ଚୀନ ଜୈବିକ ଅସ୍ତ୍ର ପ୍ରୟୋଗ କରି କରୋନା ମହାମାରୀର ବଳୟ ସୃଷ୍ଟି କରି ଅନେକଙ୍କ ଜୀବନ ନେବାରେ ସଫଳ ହୋଇଛି ।

ଆଜି ପ୍ରେମ ଅନେକଙ୍କ ପାଇଁ ସମୟ ଅତିବାହିତ (ଟାଇମ୍ ପାସ୍) କରିବା ପାଇଁ ଏକ ମାଧମ ତଥା ମନୋରଞ୍ଜନ ହୋଇଯାଇଛି । ଶାଶ୍ୱତ ପ୍ରେମ ଆଜି ଖୁବ୍ କମ୍ । ପ୍ରେମକୁ ସ୍ୱାର୍ଥସର୍ବସ୍ୱ ଭାବୁଥିବା କିଛି ତଥାକଥିତ ପ୍ରେମିକ ବିଫଳ ହୋଇ ନିଜର ବିକୃତ ମାନସିକତା ପରିଚୟ ଦେଇଥାନ୍ତି । ଏଠି ସ୍ୱାର୍ଥପର ଗୋଷ୍ଠୀଙ୍କ ଦ୍ୱାରା ପ୍ରଯୁକ୍ତିବିଦ୍ୟା ନାମରେ ପ୍ରତାରଣା ହୁଏ ତ ପୁଣି ଆଧୁନିକତା ନାମରେ ଅତ୍ୟାଚାର ହୁଏ । ଯେଉଁ ଆଧୁନିକତା ମାନବ ସଭ୍ୟତାର ସୁରକ୍ଷା କରି ପାରିବ ନାହିଁ ଏବଂ ଅନ୍ୟର କ୍ଷତି କରିବ, ତାହା ଆମକୁ ଦିନେ ନା ଦିନେ କରାଳ ରୂପରେ ଗ୍ରାସ କରିବ । ସେତେବେଳେ ନା ଏ ସଭ୍ୟତା ଥିବ ନା ଏ ସୁନ୍ଦର ପୃଥିବୀ । ତେଣୁ ବିକାଶ ହେଉ ବିନାଶ ନୁହଁ, ଆଧୁନିକତା ହେଉ ଅନିଷ୍ଟ ନୁହଁ ।



# ଶ୍ରମ-ବିଭାଜନ

## ମହାତ୍ମା ଗାନ୍ଧୀ

**ଶ୍ର**ମ ବିଭାଜନର ଅବଶ୍ୟ ପ୍ରୟୋଜନ ରହିଛି । ଜଣେ ମନୁଷ୍ୟ ସବୁକିଛି କରୁଥିବ, ତାହା ଆଦୌ କାମ୍ୟ ନୁହେଁ ଏବଂ ଏକ ସଂଗଠନର ବ୍ୟବସ୍ଥାରେ ତାହା ରୀତିମତ ଗୋଟିଏ ବାଧା ପରି କାର୍ଯ୍ୟ କରିଥାଏ । ବ୍ରିଟିଶ୍ ରାଜପଦ ପରି ଗୋଟିଏ ସଂଗଠନକୁ ଆଦୌ ବ୍ୟକ୍ତିଗତ ବୋଲି କୁହାଯିବ ନାହିଁ । ରାଜା ସ୍ୱର୍ଗଧାମକୁ ପ୍ରୟାଣ କଲେ, ରାଜା ଦୀର୍ଘଜୀବୀ ହୁଅନ୍ତୁ । ସେହି କାରଣରୁ ହିଁ ରାଜା ଆଦୌ କୌଣସି ଭୁଲ୍ କରି ପାରିବେ ନାହିଁ ବୋଲି ଉକ୍ତିଟିଏ ମଧ ରହିଛି । ଜଣେ ବ୍ୟକ୍ତି ହିସାବରେ ରାଜା ପାଜି ହୋଇ ପାରନ୍ତି ; ମାତ୍ର ଗୋଟିଏ ଅନୁଷ୍ଠାନ ରୂପେ ମୂର୍ତ୍ତ ହୋଇ ରହିଥିବା ରାଜା ସର୍ବଦା 'ପରିପୂର୍ଣ୍ଣତା' ଶବ୍ଦଟି ଏକ ନିର୍ଦ୍ଦିଷ୍ଟ ସମାଜରେ ବ୍ୟବହୃତ ହେଉଥିବା ଅର୍ଥ ଅନୁସାରେ ହିଁ ପରିପୂର୍ଣ୍ଣତାଯୁକ୍ତ ହୋଇ ରହିଥାନ୍ତି ।

ନୀତିସାରଟି ହେଉଛି ଯେ, ଆରମ୍ଭ କାଳରେ ଦାୟିତ୍ୱରେ ରହିଥିବା ବ୍ୟକ୍ତିମାନେ ଯେତେ ଅକୁଶଳ ହୋଇଥାନ୍ତୁ ପଛକେ, ଏକ ପ୍ରଗତିଶୀଳ ସଂଗଠନରେ ଯେଉଁମାନେ ଦାୟିତ୍ୱରେ ରହିବେ, ସେମାନେ ଅବଶ୍ୟ ସନ୍ଦେହର ଊର୍ଦ୍ଧ୍ୱରେ ଥିବେ, ସେମାନେ ସଂଗଠନଟିକୁ ଆଗରେ ରଖି ନିଜକୁ ପଛରେ ରଖିଥିବେ । ଯଦି ପାଜିମାନଙ୍କୁ ନେଇ କର୍ମର ସଂଗଠନ ଲାଗି ଚେଷ୍ଟା କରାଯାଏ, ତେବେ ସେଥିରେ ପାଜିମାନେ ହିଁ ସର୍ବଦା ସବାଉପରେ ରହିଥିବେ ।

ପ୍ରକୃତ କଥା ହେଉଛି ଯେ ଡାକ୍ତରମାନେ ଆମକୁ ହୁଗୁଳା ହେବାକୁ ପ୍ରବର୍ତ୍ତନା ଦେଇଥାନ୍ତି ଏବଂ ଫଳରେ ଆମେ ଆତ୍ମସଂଯମ ଲାଗି ଅସମର୍ଥ ହୋଇ ପଡ଼ିଛୁ ଓ ପୁରୁଷତ୍ୱ ହରାଇ ବସିଛୁ ।

ସାଧାରଣ ଭାବରେ ଦେଖିଲେ ଚିକିତ୍ସା କରିବାର ବୃତ୍ତିଟି ସହିତ ମୋ'ର ଏହି କଳହଟି ରହିଛି ଯେ, ଏହା ଆତ୍ମାକୁ ପୂରାପୂରି ଅବହେଳା କରୁଛି ଏବଂ କେବଳ ଏହି ଶରୀର ପରି ଏକ ଭଙ୍ଗୁର ଯନ୍ତ୍ରଟିର ଆରୋଗ୍ୟ ନିମନ୍ତେ ଏତେ ବେଶୀ ପରିଶ୍ରମ କରୁଛି । ଏହିପରିଭାବରେ ଆତ୍ମାର ଅବହେଳା କରି, ସେହି ବୃତ୍ତି ମନୁଷ୍ୟମାନଙ୍କୁ ତା'ପାଖରେ ଏକାନ୍ତ ନିର୍ଭରଶୀଳ କରି ରଖୁଛି ଏବଂ ମାନବର ମାନବଯୋଗ୍ୟ ସମ୍ମାନ ତଥା ଆତ୍ମସଂଯମର ହ୍ରାସ ପାଇଁ ପ୍ରଭୂତ ସହାୟତା କରୁଛି ।

ମୁଁ କୃତଜ୍ଞତା ସହିତ ଏକଥା ଉଲ୍ଲେଖ କରି ରଖୁଛି ଯେ, ପାଶ୍ଚାତ୍ୟ ଜଗତରେ ଏପରି ଗୋଟିଏ ବିଚାରବର୍ଗ କ୍ରମଶଃ ଅଥଚ ସୁନିଶ୍ଚିତ ଭାବରେ ଦେଖା ଦେବାକୁ ଆରମ୍ଭ କରୁଛି, ଯାହାକି ଏକ ରୁଗ୍ଣ ଶରୀରର ଚିକିତ୍ସା କରିବାକୁ ଚେଷ୍ଟା କଲାବେଳେ ମଧ ଆତ୍ମା ବିଷୟରେ ଚିନ୍ତା କରୁଛି ଏବଂ ତେଣୁ ତାହା ଔଷଧ ସେବନ ଉପରେ କମ୍ ଗୁରୁତ୍ୱ ଦେଉଛି ଓ ଏକ ଶକ୍ତିଶାଳୀ ଆରୋଗ୍ୟକାରୀ ପକ୍ଷ ହିସାବରେ ପ୍ରକୃତି ଉପରେ ଅଧିକ ଗୁରୁତ୍ୱ ଦେଉଛି ।

ଶରୀରର ନୁହେଁ, ଆମେ ବରଂ ଆତ୍ମାର ଚିକିତ୍ସକମାନଙ୍କୁ ଆବଶ୍ୟକ କରୁଛୁ । ଡାକ୍ତରଖାନା ଓ ରୋଗ ଚିକିତ୍ସକଙ୍କର ସଂଖ୍ୟା ଯେ ଏପରି ଭାବରେ ବୃଦ୍ଧି ପାଉଛି, ତାହା ଆଦୌ ଏକ ଯଥାର୍ଥ ସଭ୍ୟତାର ସଙ୍କେତ ନୁହେଁ । ଆମେ ଓ ଅନ୍ୟମାନେ ନିଜର ଶରୀରକୁ ଯେତିକି କମ୍ ପ୍ରଶ୍ରୟ ଦେବା, ଆମର ତଥା ପୃଥିବୀର ପ୍ରକୃତରେ ସେତିକି ଅଧିକ ଭଲ ହେବ ।

ଏହି ଶରୀରକୁ ଈଶ୍ୱରଙ୍କର ଏକ ମନ୍ଦିରରୂପେ ବ୍ୟବହାର ନ କରି ଆମେ ତାହାକୁ ଆମ ଉପଭୋଗର ଗୋଟିଏ ମାଧମରୂପେ ବ୍ୟବହାର କରୁଛୁ ଏବଂ ସେହି ଉପଭୋଗର ଅଧିକ ବୃଦ୍ଧି ଘଟାଇ ଏହି ପାର୍ଥିବ ମନ୍ଦିରଟିର ଅସଦ୍ ବ୍ୟବହାର କରିବା ନିମନ୍ତେ ଆମର ପ୍ରୟାସରେ ଆମର ସହାୟତା କରିବା ସକାଶେ ଚିକିତ୍ସକମାନଙ୍କ ପାଖକୁ ଦଉଡ଼ିବାରେ ଆମକୁ ମୋଟେ ଲାଜ ମାଡୁ ନାହିଁ

ଚିକିତ୍ସକ ବୋଲି ଗୋଟାଏ ପଦବୀ ପାଇଗଲେ ତାହା ଆଦୌ କୌଣସି ମାନଦଣ୍ଡ ହେବନାହିଁ । ଜଣେ ପ୍ରକୃତ ଚିକିତ୍ସକଙ୍କୁ ଜଣେ ପ୍ରକୃତ ସେବକ ବୋଲି ହିଁ କୁହାଯିବ । ଡାକ୍ତର, ବୈଦ୍ୟ ଓ ହାକିମ୍ ସମସ୍ତେ ଅର୍ଥପାଇଁ ହିଁ କାମ କରୁଛନ୍ତି । କେବଳ ସେବା ମନୋଭାବ ରଖି ସେମାନେ ଆଦୌ ଏହି ବୃତ୍ତିଟିକୁ ଗ୍ରହଣ କରୁ ନାହାନ୍ତି । କେତେକଙ୍କ ଭିତରେ ସେହି ମନୋଭାବ ଅବଶ୍ୟ ରହିଛି ସତ, ମାତ୍ର ତଦ୍ୱାରା ଉକ୍ତ ମତଟି ଆଦୌ ପ୍ରମାଣିତ ହୋଇ ଯାଉନାହିଁ ।

ମୋ'ର ସଂକୀର୍ଣ୍ଣ ଜାତୀୟତାବୋଧ ହ୍ୟାଟ୍ ବିରୋଧରେ ବିଦ୍ରୋହ କରିଉଠେ, ମୋ'ର ଗୁପ୍ତ ଆନ୍ତର୍ଜାତୀୟତା – ବୋଧ ସୋଲରେ ତିଆରି ହୋଇଥିବା ହ୍ୟାଟ୍‌କୁ ଇଉରୋପରୁ ପ୍ରାପ୍ତ ଏକ ଅନ୍ୟତମ ବରଦାନ ବୋଲି ବିଚାର କରେ । ହ୍ୟାଟ୍ ବିରୋଧରେ ମୋ' ଭିତରେ ଏକ ଭୀଷଣ ଜାତୀୟ ବିରୋଧଭାବ ନଥିଲେ ମୁଁ ହୁଏତ ସୋଲ ତିଆରି ହ୍ୟାଟକୁ ଲୋକପ୍ରିୟ କରିବାଲାଗି ତିଆରି ହୋଇଥିବା କୌଣସି ସଂଗଠନର ସଭାପତି ହୋଇଥାନ୍ତି ।

ଶିକ୍ଷିତ ଭାରତବର୍ଷ ଏପରି ଏକ ଜଳବାୟୁରେ ଅନାବଶ୍ୟକ, ଅସ୍ୱାସ୍ଥ୍ୟକର ଏବଂ ଅତି ଅସୁନ୍ଦର ଟ୍ରାଉଜରଗୁଡ଼ାକୁ ପିନ୍ଧିବାର ଅଭ୍ୟାସ କରି ଏବଂ ସୋଲ ତିଆରି ହ୍ୟାଟ୍ ପିନ୍ଧିବାକୁ ଏକ ସାଧାରଣ ଅନିଚ୍ଛା ପ୍ରକାଶ କରି ଭାରି ଭୁଲ୍ କରିଛି । ମାତ୍ର, ମୁଁ ଜାଣିଛି ଯେ, ଏହି ଜାତୀୟ ପସନ୍ଦ ଓ ଅପସନ୍ଦଗୁଡ଼ାକ ଆଦୌ ବିବେକ ଦ୍ୱାରା ନିର୍ଦ୍ଧାରିତ ହୁଏନାହିଁ ।

ମୁଁ ଜାତୀୟ ପୋଷାକ ପରିଧାନ କରୁଛି, କାରଣ ଏହା ହେଉଛି ସବୁଠାରୁ ଅଧିକ ସ୍ୱାଭାବିକ ଏବଂ ଜଣେ ଭାରତୀୟକୁ ଏହା ସବୁଠାରୁ ଅଧିକ ମାନୁଛି । ମୁଁ ବିଶ୍ୱାସ କରେ ଯେ, ଆମେ ଯେପରି ଇଉରୋପୀୟ ପୋଷାକକୁ ନକଲ କରିବାରେ ଲାଗିଛୁ, ତାହା ହେଉଛି ଆମର ଅଧୋଗମନ, ଅପମାନ ଏବଂ ଦୁର୍ବଳତାର ହିଁ ସଙ୍କେତ ଏବଂ ଯେଉଁ ପୋଷାକ ଭାରତୀୟ ଜଳବାୟୁ ପାଇଁ ସବୁଠାରୁ ଅଧିକ ଅନୁକୂଳ ଏବଂ ଆପଣାର ସରଳତା, କଳାତ୍ମକତା ଏବଂ ଅଳ୍ପ ଦାମ୍ ଦୃଷ୍ଟିରୁ ଯାହାକୁ ପୃଥିବୀଯାକରେ ଅନ୍ୟ କୌଣସି ପୋଷାକ ଆଗକୁ ବଳିଯାଇ ପାରିବ ନାହିଁ ଓ ଯାହା ଆମର ସ୍ୱାସ୍ଥ୍ୟରକ୍ଷାମୂଳକ ପ୍ରୟୋଜନଗୁଡ଼ିକ ଅନୁସାରେ ତିଆରି ହୋଇଛି, ତାହାକୁ ବର୍ଜନ କରିବାଦ୍ୱାରା ଆମେ ଜାତୀୟ ସ୍ତରରେ ପ୍ରକୃତରେ ଏକ ଅପରାଧ ହିଁ କରୁଛୁ । ଯଦି ଏକ ମିଛ ଗର୍ବ ଓ ମିଛ ସମ୍ମାନବୋଧ ମଝିରେ ବାଧା ହୋଇ ଛିଡ଼ା ହୋଇ ନଥାନ୍ତା, ତେବେ ଭାରତବର୍ଷରେ ଇଂରେଜମାନେ ମଧ କେଉଁ କାଳରୁ ଭାରତୀୟ ପୋଷାକକୁ ଗ୍ରହଣ କରି ନେଇଥାନ୍ତେ ।

ପବିତ୍ରତାସମ୍ବନ୍ଧୀ କେତେକ କାରଣରୁ ମୁଁ ଜୋତା ବ୍ୟବହାର କରେନାହିଁ, ମାତ୍ର ମୁଁ ଏକଥାଟି ମଧ ଦେଖି ପାରୁଛି ଯେ, ଯଥାସମ୍ଭବ ସେଗୁଡ଼ିକୁ ନ ପିନ୍ଧିବାଟା ହିଁ ଅଧିକ ସ୍ୱାଭାବିକ ଏବଂ ଅଧିକ ସ୍ୱାସ୍ଥ୍ୟକର ।

# ଭଗବାନ

## ଗୋପୀନାଥ ଷଡ଼ଙ୍ଗୀ

ସତ୍ୟ ହିଁ ଭଗବାନ । ସେ ନାମ, ରୂପ, ଗୁଣର ଊର୍ଦ୍ଧ୍ୱରେ ।

'ରୂପଂ ରୂପଂ ପ୍ରତି ରୂପଂ ବିଭୂବଃ ନାମଂ ।

ନାମଂ ପ୍ରତି ନାମଂ ବିଭୂବଃ । (ଋଷିବାକ୍ୟ)

ସବୁ ନାମ ଭଗବାନଙ୍କର । ସବୁ ରୂପ ଭଗବାନଙ୍କର । ଏ ସୃଷ୍ଟିରେ ଯାହା କିଛି ଦେଖୁଛୁ ଓ ଅନୁଭବ କରୁଛୁ ଏସବୁ କିଛି ଭଗବାନଙ୍କ ଆତ୍ମ ପ୍ରକାଶ । ସେ ଅନନ୍ତ ଶକ୍ତିର ଅଧିକାରୀ । ତାଙ୍କର ଏକ, ଏକ ଶକ୍ତି ବାଗୁଣ ଅନୁଯାୟୀ ବିଭିନ୍ନ ଦେବା ଦେବୀଙ୍କ ନାମ କରଣ ହୋଇଛି । ଭଗବାନ ଶକ୍ତି, ପ୍ରାଣ, ଆତ୍ମା ଭାବରେ ଆମ ସମସ୍ତଙ୍କ ଶରୀରରେ ରହିଛନ୍ତି । ସେ ଆମକୁ ଦଶଟି ଦେବତା ଦେଇଛନ୍ତି । ତାହା ହେଲା- ସତ୍ତ୍ୱ ଗୁଣରୁ ସୃଷ୍ଟ ପଞ୍ଚ ଜ୍ଞାନେନ୍ଦ୍ରୀୟ ଓ ପଞ୍ଚ କର୍ମେନ୍ଦ୍ରୀୟ । ଓଁ କାର ହେଉଛି ଭଗବାନଙ୍କ ପ୍ରୀୟ ନାମ । ଚେତନାର ଗୁଣଯୁକ୍ତ ଅବସ୍ଥାକୁ ଓଁ କାର କହନ୍ତି ।

ଭଗବତ୍ ଗୀତାର ପୁରୁଷୋତ୍ତମ ଯୋଗରେ କୁହାଯାଇଛି ଏ ସୃଷ୍ଟି ହେଉଛି ଏକ ଓଲଟା ବୃକ୍ଷ । ଏହାର ଓଁ କାର ରୂପୀ ମୂଳ ରହିଛି ଊର୍ଦ୍ଧ୍ୱରେ । ଏହାର ତଳେ ବିଭିନ୍ନ ଦେବା ଦେବୀ ରୂପୀ ଶାଖା ପ୍ରଶାଖା ରହିଛନ୍ତି । ଆମେ ମୂଳ ଓଁ କାରଙ୍କୁ ଧରିଲେ ଭଗବତ୍ ସାନ୍ନିଧ ଲାଭ କରି ପାରିବା ।

ଭଗବାନଙ୍କ ସମ୍ବନ୍ଧରେ ମୁନି, ଋଷି ମାନେ କହନ୍ତି ସେ ଚୈତନ୍ୟ ସ୍ୱରୂପ । ଯେ ଏ ସୃଷ୍ଟିରେ ଜଡ଼ ଠାରୁ ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କ ସେବା କରିଚାଲିଛନ୍ତି ତାଙ୍କୁ ମୁନି, ଋଷି ମାନେ ନାମ ଦେଲେ ପ୍ରକୃତି ବା ମାହେଶ୍ୱରୀ ଶକ୍ତି । ସେହି ମାହେଶ୍ୱରୀ ଶକ୍ତିରୁ ତିନୋଟି ଶକ୍ତି ଉତ୍ପନ୍ନ ହୋଇଛି । ସେମାନେ ହେଲେ ମହାକାଳୀ ଶକ୍ତି, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ଶକ୍ତି ।

ଦିବ୍ୟଦର୍ଶନ ଭଲକୁ ହିଁ ଭଗବାନ କହେ । ଭଗବାନ ଦୈବୀ ଗୁଣ ଭାବରେ ଆତ୍ମ ପ୍ରକାଶ କରିଛନ୍ତି । ଭକ୍ତି, ଜ୍ଞାନ, ବାୟୁ ପରି ଚଳଚଞ୍ଚଳ କର୍ମ ପ୍ରବଣତା ଓ ନମ୍ରତା ଗୁଣର ସମାହାର ଭଗବାନ ଅଟନ୍ତି ।

ପାଲା ଗାୟକ ଲକ୍ଷ୍ମଣ ପଟେଲ କହନ୍ତି ଆମେ ମାଁ ପେଟରେ ଥିଲା ବେଳେ ଯେଉଁ ଅଦୃଶ୍ୟ ଶକ୍ତି ଏତେ ସୁନ୍ଦର ରୂପ, ଆଖି, କାନ, ନାମ, ଗୋଡ଼, ହାତ ଇତ୍ୟାଦି ତିଆରି କରିବା ସଙ୍ଗେ ସଙ୍ଗେ ଆମେ ଭିତରେ ଜୀବନ ଓ ପ୍ରାଣ ଭାବରେ ରହି ଆମକୁ କ୍ରୀୟାଶୀଳ କରୁଛନ୍ତି ଏବଂ ଜାଣିବା ଓ ବୁଝିବାର କ୍ଷମତା ପ୍ରଦାନ କରୁଛନ୍ତି ସେ ହେଉଛନ୍ତି ଭଗବାନ ।

ବେଦ କହେ- ଭଗବାନ ସତ, ଚିତ, ଆନନ୍ଦ ସ୍ୱରୂପ ।

ଚଣ୍ଡୀ କହେ- ଶକ୍ତି ହିଁ ଭଗବାନ ।

ଯା ଦେବୀ ସର୍ବ ଭୂତେଷୁ, ଶକ୍ତି ରୂପେଣ ସଂସ୍ଥିତା ।

ନମସ୍ତସୈ, ନମସ୍ତସୈ, ନମସ୍ତସୈ ନମୋନମଃ ।

**ପ୍ରଧାନପଡ଼ା, ସମ୍ବଲପୁର**

# ସ୍ୱର୍ବେଦ


**କମଲ ଭାନୁ କେ ଉଦୟ ମେଁ,**
**ୱିକସିତ ସହଜ ସ୍ୱଭାୱ ।**
**କଶା ତେଜ ଆତମ ଖିଲେ, ଜ୍ଞାନ**
**ଶକ୍ତିମୟ ଭାୱ ॥୩୫॥**

ଭାଷ୍ୟ - ସୂର୍ଯ୍ୟ ଉଦୟ ହେଲେ ଯେଉଁଭଳି ପଦ୍ମ ନିଜ ସ୍ୱାଭାବିକ ରୂପରେ ବିକଶିତ ହୋଇଥାଏ, ସେହି ପ୍ରକାର ବ୍ରହ୍ମଶକ୍ତି ଉଦୟ ହେବା ଫଳରେ ଆତ୍ମାର ସମସ୍ତ ଶକ୍ତି ଏବଂ ଜ୍ଞାନ ଶୁଦ୍ଧ ରୂପରେ ପ୍ରକାଶିତ ହୋଇଯାଆନ୍ତି ।

**ଉତକୃଷ୍ଟ ସର୍ୱୋତ୍ତମ, ଯୋଗ**
**ଏଶ୍ୱର୍ଯ୍ୟହିଁ ଜାନ ।**
**ମାୟା ତଜି ପ୍ରଭୁ କୋ ଭଜେ,**
**ମିଲତ ସକଲ ଫଲ ଜ୍ଞାନ ॥୩୬॥**

ଭାଷ୍ୟ - ଯୋଗବଳ ସର୍ବୋତ୍କୃଷ୍ଟ ଏବଂ ସର୍ବୋତ୍ତମ ଐଶ୍ୱର୍ଯ୍ୟ ଅଟେ । ପ୍ରକୃତି ଆଧାର ଛାଡ଼ିଯିବା ପରେ ବ୍ରହ୍ମ ଦ୍ୱାରା ଶୁଦ୍ଧାତ୍ମାରେ ଯୋଗ ଐଶ୍ୱର୍ଯ୍ୟ ପ୍ରକଟ ହୋଇଥାଏ । ସେଥିପାଇଁ ମାୟାକୁ ପରିତ୍ୟାଗ କରି ପ୍ରଭୁଙ୍କର ଭକ୍ତି କରିବା ଦ୍ୱାରା ସମସ୍ତ ଫଳ ଏବଂ ଜ୍ଞାନ ସ୍ୱତଃ ଭାବରେ ପ୍ରାପ୍ତ ହୋଇଥାଏ ।

**ଅନୁଭୱ ଶବ୍ଦ ୱିୱେକ ହୈ,**
**ସହଜ ସମାଧି ସମାନ ।**




**ଶ୍ରୁତଜ୍ଞାନ ପ୍ରଭୁ ସେ ମିଲେ,**
**ସଦ୍‌ଗୁରୁ ପଦ ସନ୍ମାନ ॥୩୭॥**

ଭାଷ୍ୟ - ଅଖଣ୍ଡ ସମାଧି ଏବଂ ସହଜ ସମାଧି ଦୁଇ ପ୍ରକାରର । ସହଜ ସମାଧି ସ୍ୱାଭାବିକ ଭାବରେ ସର୍ବଦା ଯୋଗୀ ନିକଟରେ ରହିଥାଏ । ସେହି ପ୍ରକାର ପ୍ରଭୁ ଦ୍ୱାରା ସ୍ୱାଭାବିକ ଶ୍ରୁତ ଜ୍ଞାନର ପ୍ରବାହ ସହଜ ଯୋଗୀକୁ ହୋଇଥାଏ । ଯେତେବେଳେ ଏହି ଅନୁଭବ ଶବ୍ଦର ବିବେକ ଜୀବନ୍ମୁକ୍ତ ଯୋଗୀକୁ ହୋଇଥାଏ, ସେତେବେଳେ ସେ ସଦ୍‌ଗୁରୁ ପଦ ନିମନ୍ତେ ଯୋଗ୍ୟ ହୋଇଥାଏ । ଏହି କ୍ରିୟା ସ୍ୱାଭାବିକ ଶ୍ରୁତ ଜ୍ଞାନପ୍ରବାହୀ ସଦ୍‌ଗୁରୁଙ୍କୁ ହୋଇଥାଏ । ଏହାକୁ ଈଶ୍ୱରୀୟ ପ୍ରବାହ କହିଥାନ୍ତି । ସଦ୍‌ଗୁରୁ ପଦାଧିକାରୀଙ୍କୁ ସୋମରସର ଅମୃତ ପ୍ରବାହ ସର୍ବଦା ଉପଲବ୍ଧ ହୋଇଥାଏ ।

**ଆପ୍ତ ଜ୍ଞାନ ପରିପୂର୍ଣ୍ଣ ହୈ, ବ୍ରହ୍ମ**
**ତେଜ ପରକାଶ ।**
**ଜଗହିତ ରଚନା ଗ୍ରନ୍ଥ କୀ, ଅନ୍ୟ**
**ଭ୍ରମ ଜଗ ନାଶ ॥୩୮॥**

ଭାଷ୍ୟ - ବ୍ରହ୍ମ ତେଜର ପ୍ରକାଶରେ ଆପ୍ତ ସଦ୍‌ଗୁରୁଙ୍କର ଜ୍ଞାନ ନିର୍ଭ୍ରାନ୍ତ ଏବଂ ପରିପୂର୍ଣ୍ଣ ରହିଥାଏ । ସେ ସଂସାରର କଲ୍ୟାଣ ନିମନ୍ତେ ସଦ୍‌ଗ୍ରନ୍ଥ ରଚନା କରିଥାନ୍ତି । ଏହା ବ୍ୟତୀତ ଅନ୍ୟ ପାଠ୍ୟ ଏବଂ ବୁଦ୍ଧିଜନ୍ୟ ଜ୍ଞାନରୁ ଯେଉଁ ଗ୍ରନ୍ଥର ରଚନା ହେବ, ତାହା ଦ୍ୱାରା ସଂସାରର ଅପୂରଣୀୟ କ୍ଷତି ଘଟିବ । ଅନ୍ଧକାରଯୁକ୍ତ ଜ୍ଞାନ ଦ୍ୱାରା ସଂସାରର ଅଧୋପତନ ହେବ । ସେଥିପାଇଁ ଋଷି ପ୍ରଣୀତ, ଶୀର୍ଷ ଗ୍ରନ୍ଥ ହିଁ ସର୍ବମାନ୍ୟ ଏବଂ ଭ୍ରମଶୂନ୍ୟ ଅଟେ ।

**ଗ୍ରନ୍ଥ ରଚେ ଅଧ୍ୟାତ୍ମ କା, ଜୋ**
**ସଦ୍‌ଗୁରୁ ପଦ ପାୟ ।**
**ଦେୱ ସଦାଫଲ ଭ୍ରମ ମେଁ, ରଚ**
**ଜଗଜୀୱ ନଶାୟ ॥୩୯॥**

ଭାଷ୍ୟ - ଯେଉଁ ମହାପୁରୁଷ ସଦ୍‌ଗୁରୁ ପଦ ପ୍ରାପ୍ତ ହୋଇଛନ୍ତି, ସେ ହିଁ ଆଧ୍ୟାତ୍ମିକ ସଦ୍‌ଗ୍ରନ୍ଥ ରଚନା କରନ୍ତୁ । ଅନ୍ୟ ଅଜ୍ଞାନୀମାନଙ୍କର ଭ୍ରମଯୁକ୍ତ ରଚନାରୁ ଜଗତର ଜୀବମାନଙ୍କର ଆଧ୍ୟାତ୍ମିକ ବିନାଶ ହେବ ।

॥ ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ, ପଞ୍ଚମ ଅଧ୍ୟାୟ ଭାଷ୍ୟ ସମାପ୍ତ ॥

**ନିତ୍ୟ ଅନାଦି ଷଟ ତତ୍ତ୍ୱ ହୈଁ,**
**ପ୍ରକୃତି ବ୍ରହ୍ମ ଅରୁ ଜୀୱ ।**
**ଜ୍ୟୋତି କାଲ ପର ପୁରୁଷ ହୈ,**
**ଅନ୍ତର୍ଯ୍ୟାମୀ ପୀୱ ॥୦୧॥**

ଭାଷ୍ୟ - ଅନ୍ତର୍ଯ୍ୟାମୀ ପରମ ପୁରୁଷ, ପ୍ରକୃତି, ବ୍ରହ୍ମ, ଜୀବ, ସଦ୍‌ଗୁରୁ ଏବଂ କାଳ - ଏସବୁ ନିତ୍ୟ ଅନାଦି ଷଡ଼ତତ୍ତ୍ୱ ଅଟନ୍ତି ।

**ଅକ୍ଷର ସତ୍ୟ କୁଟସ୍ଥ ହୈ, ମାୟା**
**ନିତ ପରିଣାମ ।**
**ସବ ପର ଉତ୍ତମ ପୁରୁଷ ହୈ,**
**ପରମାକ୍ଷର ସତ୍ୟ ନାମ ॥୦୨॥**

ଭାଷ୍ୟ - ଅକ୍ଷର ନିତ୍ୟ କୂଟସ୍ଥ ଅଟେ ଏବଂ ମାୟା ପରିଣାମୀ ନିତ୍ୟ ଅଟେ । କାହିଁକି ନା ଏହାର ହ୍ରାସ ଏବଂ ବୃଦ୍ଧି ହୋଇଥାଏ ଏବଂ ପ୍ରକୃତି କାର୍ଯ୍ୟ ରୂପରେ ପରିଣତ ହୋଇ ଜଗତ ସ୍ୱରୂପ ହୋଇଯାଏ । ସବୁଠାରୁ ଉତ୍ତମ ପୁରୁଷ ପରମ ଅକ୍ଷର, ସତ୍ୟ ନାମ ଅର୍ଥାତ୍ ସାରଶବ୍ଦ ଅଟନ୍ତି ।

**ଜିୱ ସ୍ୱରୂପ ଏକସମ ରହୈ, କର୍ମ**
**ଗୁଣନ ପରିଣାମ ।**
**ସତ୍ୟ ସତ୍ତା ସେ ଅମର ହୈ,**
**ଆଶ୍ରିତ ଅଧର ଅନାମ ॥୦୩॥**

ଭାଷ୍ୟ - ଜୀବ ନିଜ ଶୁଦ୍ଧ ସ୍ୱରୂପରେ ଏକ ସମାନ ରହିଥାଏ । ମାତ୍ର କର୍ମ, ଗୁଣ ଏବଂ ସ୍ୱଭାବରେ ପ୍ରଭେଦ ରହୁଥିବାରୁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅନେକ ପାର୍ଥକ୍ୟ ପରିଦୃଶ୍ୟ ହୋଇଥାଏ । ପ୍ରକୃତିଶୂନ୍ୟ ହୋଇ ପାରିଲେ ଶୁଦ୍ଧ ସତ୍ତାରେ ଜୀବ ଅମରତ୍ୱ ଲାଭକରେ । ଜନ୍ମ ଏବଂ ମରଣ ଶରୀରର ଧର୍ମ ଅଟେ । ଆତ୍ମା ନିତ୍ୟ ବସ୍ତୁ ଅଟେ । ସେ ପ୍ରଭୁ ଆଶ୍ରିତ ହୋଇ ନିଜର ଅଥବା ପ୍ରକୃତିର ସମସ୍ତ ବ୍ୟବହାର କରିଥାଏ ।

**କାଲକ ସହଜ ସ୍ୱରୂପ ହୈ, ସବ**
**ଦିନ ଏକ ସମାନ ।**
**ମାସ ପକ୍ଷ ତିଥି ଗତି ଚଲେ,**
**ସମ୍ୱତ୍ ସର ପରମାନ ॥୦୪॥**

ଭାଷ୍ୟ - ସର୍ବଦା ଏକ ରୂପରେ ରହୁଥିବା କାଳ ନିତ୍ୟ ବସ୍ତୁ ଅଟେ ଯାହାର ଅବଲମ୍ବନରେ ମାସ, ପକ୍ଷ ଏବଂ ତିଥିମାନଙ୍କର ଗଣନା ହୋଇଥାଏ ଆଉ ସୃଷ୍ଟିର ବ୍ୟବହାର ଚାଲିଥାଏ ତଥା ବର୍ଷ ପୂରଣ ହୋଇଥାଏ । କାଳ ଦ୍ୱାରା ହିଁ ତିଥି ଏବଂ ସମ୍ୱତ୍‌ର ଗଣନା ହୋଇଥାଏ ।

**ଜ୍ଞାନ କ୍ଷେତ୍ର କା ଜ୍ୟୋତି ହୈଁ,**
**ସଦ୍‌ଗୁରୁ ନିତ୍ୟ ପ୍ରଭାୱ ।**
**ଶୁଦ୍ଧ ବୁଦ୍ଧ ୱିଜ୍ଞାନମୟ, ମୁକ୍ତ ହୈ**
**ସହଜ ସ୍ୱଭାୱ ॥୦୫॥**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁ ଜ୍ଞାନ କ୍ଷେତ୍ରର ଜ୍ୟୋତି ଅଟନ୍ତି ତଥା ସହଜ ଶୁଦ୍ଧ, ବୁଦ୍ଧ, ମୁକ୍ତ ଆଉ ବିଜ୍ଞାନ ସ୍ୱରୂପ ଅଟନ୍ତି ।

**କାରଣ କା କାରଣ ନହୀଁ, କାରଣ**
**ନିତ୍ୟ ଅନାଦି ।**
**କାରଣ ଭେଦ ଅନେକ ହୈ,**
**ସମଷ୍ଟ ସୁସାମୁଷ୍ଟ ସାଦି ॥୦୬॥**

ଭାଷ୍ୟ - କାରଣର କାରଣ ନ ଥାଏ । କାରଣ ନିତ୍ୟ ଅନାଦି ହୋଇଥାନ୍ତି । ନିମିତ୍ତ, ସମବାୟୀ ତଥା ସାଧାରଣ କାରଣ ଭଳି କାରଣର ଅନେକ ଭେଦ ଦେଖିବାକୁ ମିଳେ । ଏ ତିନୋଟି କାରଣରୁ ସୃଷ୍ଟିର ନିର୍ମାଣ ହୋଇଥାଏ ।

**ଜନ୍ମ ଆଦ୍ୟ ଅକ୍ଷର କରେ, ପରମ**
**ପୁରୁଷ ପରକାସ ।**
**ଅକ୍ଷର ମେଁ ଅକ୍ଷର ରହୈ,**
**ପରମକ୍ଷର ଜଗ ଭାସ ॥୦୭॥**

ଭାଷ୍ୟ - ପରମ ପୁରୁଷଙ୍କର ପ୍ରକାଶରୁ ଅକ୍ଷର ଦ୍ୱାରା ଉତ୍ପତ୍ତି, ପାଳନ ଆଉ ଲୟ ହୋଇଥାଏ । ପରମ ଅକ୍ଷର, ନିଃଶବ୍ଦ, ପରମ ପୁରୁଷଙ୍କଠାରୁ ହିଁ ଅକ୍ଷର, ବୋଲି ଏବଂ ବର୍ଣ୍ଣ ଉତ୍ପନ୍ନ ହୋଇଥାନ୍ତି ଏବଂ ତହିଁରୁ ସମସ୍ତ ଜଗତର ରଚନା ହୋଇଥାଏ ।

**କରତା ଧରତା ସୃଷ୍ଟି କା,**
**ନିୟମନ ପୂଷଣ ଈଶ ।**
**ସାକ୍ଷୀ କର୍ମାଧ୍ୟକ୍ଷ ହୈ, ଫଲପ୍ରଦ**
**ନ୍ୟାୟାଧୀଶ ॥୦୮॥**

ଭାଷ୍ୟ - ଈଶ୍ୱର ଜଗତର କର୍ତ୍ତା, ଧର୍ତ୍ତା, ବିଧାତା, ସାକ୍ଷୀ, କର୍ମାଧ୍ୟକ୍ଷ, ନ୍ୟାୟାଧୀଶ, ଫଳଦାତା ଏବଂ ଲୟକର୍ତ୍ତା ଅଟନ୍ତି ।

ଲୟ କରତାମୟ ସୃଷ୍ଟି କା, ସୋ ଅକ୍ଷର ଭଗୱାନ ।

ଅକ୍ରିୟ ପରମାକ୍ଷର ଗଜୈ, ସବ ପର ସର୍ୱ ମହାନ ॥୦୯॥

ଭାଷ୍ୟ - ସମସ୍ତ ସୃଷ୍ଟିର ଲୟ କରୁଥିବା ଅକ୍ଷର ଭଗବାନ ଅଟନ୍ତି ଆଉ ପରମ ଅକ୍ଷର ଅସଙ୍ଗ କର୍ତ୍ତା ରୂପେ ସର୍ବାଗ୍ରେ ପରମ ପ୍ରକାଶମାନ ଅଟନ୍ତି ।

## ✓ କୁନାମା'ଙ୍କୁ ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ଚନ୍ଦ୍ରପ୍ରଭା କର**

ନବବଧୂ ବେଶେ ବରଣ କରିଲ
ପାଦେ ଦେଇ ମୋର ଅଳତାଗାର,
କନ୍ୟାଠାରୁ ବଳି ସେନେହ ଦେଲଗୋ
ଭୁଲି ଯାଇଥିଲି ନିଜ ପିଅର । (୧)
ଦିନେ ନ ଦେଖିଲେ ନିଜ ପାଶେ ତୁମେ
ପଚାରୁଥିଲ ଗୋ ଥରକୁ ଥର,
ଆବିଳତା ତୁମ ହୃଦୟେ ନଥିଲା
ସରଳ ନିଷ୍ପାପ ତୁମ ଅନ୍ତର । (୨)
କର୍ତ୍ତବ୍ୟ କର୍ମରେ ଥିଲ ଅଗ୍ରସର
ତୁମ ପରିବାର ତୁମ ଜୀବନ ,
ସଭିଙ୍କୁ ସୁଖରେ ରଖିବା ପାଇଁ ଗୋ
ବାବା ସଙ୍ଗେ ଥିଲା ତୁମ ସପନ । (୩)
ବନ୍ଧୁ ପରିଜନ, କୁଟୁମ୍ବ ଆବୋରି
ରହିଥିଲ ତୁମେ ପ୍ରାଚୀର ପରି,
ସୁଖେ ଦୁଃଖେ ତୁମେ ଠିଆ ହେଉଥିଲ
କେହି ହେବେନାହିଁ ତୁମରି ସରି । (୪)
ବେଦ, ପୁରାଣରୁ ରାଜନୀତି ଯାଏ
ଆଲୋଚନା ଚାଲେ ନିଇତି ଘରେ,
ଜ୍ଞାନ ଅର୍ଜନରେ ଧ୍ୟାନ ଥାଏ ତୁମ
ନୂଆଁ କିଛି କରି ଦେଖାଇବାରେ । (୫)
ରୂପଗୁଣେ ତୁମେ ଥିଲ ଅନୁପମା
ଅପର ସେବାରେ ଢ଼ାଳିଲ ମନ,
ତୁମେ ଗଲାପରେ ଝୁରୁଛି ଏ ମାଟି
ସଭିଙ୍କର ତୁମେ ପ୍ରାଣରତନ । (୬)
ନିଜ ନାମ ତୁମେ ସାର୍ଥକ କରିଲ
ବିତରି ସେନେହ ମଧୁର ଧାରା,
ଛୋଟ ବଡ ଭେଦ ନଥିଲା ତୁମର
କେତେ କେତେ କଥା ମନେ ପଡୁଛି ଗୋ
'କୁନାମା' ତୁମେ ସବୁରି ପରା । (୭)
ଭୁଲି ହେଉନାହିଁ ସେ ମଧୁସ୍ମୃତି,
ଏବେବି ଲାଗୁଛି ତୁମେ ଅଛ ବୋଲି
ଶୁଣିବାକୁ ମନ ତବ ଭାରତୀ । (୮)
ନିଜ ସୁକୃତରୁ ପୁଣ୍ୟ ଦିବସରେ
ଲଭିଲ ଗୋ ତୁମେ ସରଗଧାମ,
ଆଶିଷ ତୁମର ଝରୁଥାଉ ମା' ଗୋ
ହେଉ ଆମେ ସଦା ସଫଳକାମ । (୯)

**ସମ୍ବଲପୁର**

## ପୂର୍ଣ୍ଣାତ୍ମା ସ୍ନେହଲତା ପତି

***ଶ୍ରୀମତୀ ପୁଷ୍ପଲତା ପତି***

ପ୍ରଥମେ ଘେନିବ ନାନୀଗୋ ମୋର ଭକ୍ତିପୂତ ବିନମ୍ର ପ୍ରଣାମ,
ଶେଷ ସମୟରେ ରହି ମୁଁ ପାରିଲି ତୁମ ସଙ୍ଗେ କିଛି ଦିନ ।
ମୃତ୍ୟୁକୁ କେତେ ଡରୁଥିଲ ନାନୀ କେମିତି ଆସିବ ବୋଲି,
କେତେ ଶାନ୍ତିରେ ଆସି ନେଇ ଗଲା ଜାଣିବି ପାରିଲ ନାହିଁ ।
ବୈଜ୍ଞାନିକ, ଦାର୍ଶନିକ, ଶାସ୍ତ୍ର ବିଶାରଦ କିମ୍ବା ଜନସାଧାରଣ,
କେହିବି ଜାଣି ନାହାନ୍ତି ମୃତ୍ୟୁପରେ କ'ଣ ହୁଏ ଏ ଅମୂଲ୍ୟ ପ୍ରାଣ ।
କେତେ ରାଗ ରୁଷା କେତେ ମାନ ଅଭିମାନ,
ପ୍ରାଣ ସଙ୍ଗେ ଚାଲିଯାଏ ଝୁରୁଥାନ୍ତି ଖାଲି ପ୍ରିୟଜନ ।
ନାତି ନାତୁଣୀଙ୍କର ' ମାମା' ଆଉ ପୁଅ ମାନଙ୍କର 'ମାଁ',
ପତି ପରିବାରେ ଶୁଭିବନି ଆଉ ପ୍ରିୟା ଡାକ, କୁନା ମାଁ,
ତୁମେ ଆସିଥିଲ ପୂର୍ଣ୍ଣାତ୍ମା ରୂପେ ଆମ ପତି ପରିବାରେ,
ବୟାନବେ ବର୍ଷ କାଟିଥିଲ ନାନୀ ସୁଖ ଦୁଃଖର ସଂସାରେ ।
ପ୍ରସୂତି ବିଦ୍ୟାରେ ପ୍ରଶିକ୍ଷଣ ନେଇଥିଲ ରହି ଆମେରିକାରେ,
ହରିଦାସ ପୁରରେ କାମ କରିଥିଲ ରମ୍ଭାଦେବୀଙ୍କ ସାଙ୍ଗରେ ।
ରାଉରକେଲାରେ କାମ କରିଥିଲ କୁଷ୍ଠରୋଗୀଙ୍କ ପାଇଁ,
ସବୁବେଳେ ନାନୀ କାମ କରୁଥିଲ ଗରିବ ଲୋକଙ୍କ ପାଇଁ ।
କେତେ ଦାନ ଧର୍ମ କରିଥିଲ ନାନୀ ଆଶ୍ରମ ବୃଦ୍ଧାଶ୍ରମକୁ,
ସବୁଦିନ ପାଇଁ ରଖିଗଲ ନାମ ଝୁରିବେ ଲୋକେ ତୁମକୁ ।
ଜନ୍ମ ହେଲେ ତ ମୃତ୍ୟୁ ସୁନିଶ୍ଚିତ ଏହାତ ବିଧି ନିୟମ,
ପ୍ରିୟଜନଙ୍କ ମୃତ୍ୟୁରେ ତଥାପି କାନ୍ଦେ ଏ ଅବୁଝା ପ୍ରାଣ ।
କେହି ରହିନାହିଁ ରହିବେ ବି ନାହିଁ ସୁଖ ଦୁଃଖର ସଂସାରେ,
ଆହେ ଦୟାମୟ ଏତିକି ପ୍ରାର୍ଥନା ରଖିବ ସ୍ୱର୍ଗେ ସୁଖରେ ।
ହେ ମହିୟସୀ ପୂଣ୍ୟାତ୍ମା ତୁମେ ଶାନ୍ତିରେ ଥାଅ ସ୍ୱର୍ଗରେ,
ସ୍ୱର୍ଗପୁରୁ ଆଶିର୍ବାଦ ଢ଼ାଳୁଥାଅ ତୁମ୍ଭ ପ୍ରିୟ ପରିବାରେ ।

**ରାଉରକେଲା**

## ଟିକିଏ ହସନ୍ତୁ

**କନେଷ୍ଟବଳ :** ସାର୍ ଆମେ ମଦ ଭର୍ତ୍ତି ଟ୍ରକ ଧରି ଦେଲୁ ?
ଇନ୍ସପେକ୍ଟର : ସାବାସ୍, ବହୁତ ବଢ଼ିଆ ।
**କନେଷ୍ଟବଳ :** ଆଗକୁ କ'ଣ ଅର୍ଡର ଅଛି ?
ଇନ୍ସପେକ୍ଟର : ଏବେ ଏକ ସୋଡ଼ା ଓ ମିକ୍ସଚର ଗାଡ଼ି ଧରିବାକୁ ଚେଷ୍ଟା କର !!!

× × ×

ଦୀପୁ ତାଙ୍କ ନବ ବିବାହିତା ପତ୍ନୀଙ୍କ ସହିତ ପରିବା କିଣିବାକୁ ଯାଇଥିଲେ ।
ପରିବା ବାଲା : ବାବୁ... ବୋହୂରାଣୀ ଖୁବ୍ ଲେଖାପଢ଼ି ଜାଣନ୍ତି ।
ଦୀପୁ ଗର୍ବର ସହିତ କହିଲେ, ହଁ ଏମବିଏ କରିଛନ୍ତି । ତୁମେ କେମିତି ଜାଣିଲ ସେ ପଢ଼ିଛନ୍ତି ବୋଲି ?
ପରିବା ବାଲା : ସେଇଥି ପାଇଁ ତ ଟମାଟୋ ଆଗେ ବ୍ୟାଗରେ ରଖି ତା' ଉପରେ ପରିବା ରଖି ଦେଲେ ।

× × × ×



**ସ୍ତ୍ରୀ ସ୍ୱାମୀଙ୍କୁ:** ତମକୁ ବାହାହେଇ ମୋ ଜୀବନ ନଷ୍ଟ ହୋଇଗଲା । କୋଉ ରାକ୍ଷସକୁ ବାହା ହେଇଥିଲେ ବି ମୁଁ ଏତେ ଦୁଃଖୀ ନ ଥାଆନ୍ତି ଯେତିକି ତୁମକୁ ବାହା ହେଇ ଅଛି ।
**ସ୍ୱାମୀ :** ତମ ଦୁଃଖ ମୁଁ ବୁଝିପାରୁଛି । ହେଲେ ରକ୍ତ ସମ୍ପର୍କରେ କ'ଣ କେହି ବାହା ହୁଅନ୍ତି ?

× × × ×

**ଶିକ୍ଷକ :** ଏମିତି ଏକ ବାକ୍ୟ କୁହ, ଯେଉଁଥିରେ ହିନ୍ଦୀ, ପଞ୍ଜାବୀ, ଉର୍ଦ୍ଦୁ ଓ ଇଂରାଜୀ ଶବ୍ଦ ବ୍ୟବହାର ହୋଇଥିବ ।
**ଗୋଲୁ-** ସାର୍, ମୁଁ କହିବି ।
**ଶିକ୍ଷକ :** କହ ।
**ଗୋଲୁ :** ଇସ୍କ ଦି ଗଲି ୱିଚ୍ ନୋ ଏଣ୍ଟ୍ରି... ।

× × × ×

ରମେଶ ବାବୁ ତାଙ୍କ ସାଙ୍ଗ ମନୋଜଙ୍କୁ : ମୋର ୪ଟି ପୁଅ ।
**ମନୋଜ :** ସେମାନେ ସବୁ କ'ଣ କରୁଛନ୍ତି ?
**ରମେଶ ବାବୁ :** ପ୍ରଥମ ପୁଅ ଏମ୍‌ବିଏ କରିଛି, ଦ୍ୱିତୀୟ ପୁଅ ଇଞ୍ଜିନିୟରିଂ ପଢ଼ିଛି, ତୃତୀୟ ପୁଅ ଏମସିଏ ପଢ଼ିଛି ଓ ଚତୁର୍ଥ ପୁଅ ଚୋର ।
**ମନୋଜ ବାବୁ :** କ'ଣ ! ତମ ସାନ ପୁଅ ଚୋର । ତାକୁ ଘରୁ ବାହାର କରି ଦେଉନ ।
**ରମେଶ ବାବୁ :** କେମିତି ବାହାର କରିବି । ସେଇ ଜଣେ ତ ରୋଜଗାର କରି ଘର ଚଳଉଛି । ଅନ୍ୟମାନେ ତ ବେକାର ।

## କଳାଜିରାର ଉପକାରିତା

**କ**ଳାଜିରାକୁ ବ୍ୟବହାର କଲେ ଅସାଧ ରୋଗ ଦୂର ହୋଇଥାଏ । ଏହା ଏକ ବୀଜ ହୋଇଥିଲେ ବି ରୋଷେଇରେ ବ୍ୟବହାର ହୋଇଥାଏ । ଏହାର ବ୍ୟବହାର ଦ୍ୱାରା ଶରୀର ସୁସ୍ଥ ହୋଇଥାଏ । କଳାଜିରାରେ ଥିବା ଔଷଧୀୟ ଗୁଣ ଶରୀର ପାଇଁ ବହୁ ହିତକର । ଏଥିରେ ଆଇରନ୍, ସୋଡିୟମ, କ୍ୟାଲସିୟମ, ପଟାସିୟମ ଏବଂ ଫ୍ଲାଇବର ବହୁ ମାତ୍ରାରେ ରହିଥାଏ । ଏହାକୁ ଆୟୁର୍ବେଦିକ ଔଷଧ ରୂପେ ବ୍ୟବହାର କରାଯାଇଛି ।

କଳାଜିରାକୁ ସକାଳେ ଖାଲି ପେଟରେ ଗରମପାଣି ସହ ଖାଇଲେ ଡାଇବେଟିଜ୍ ଏବଂ ଏସିଡିଟିରୁ ଉପଶମ ମିଳିଥାଏ । ଏହାବ୍ୟତୀତ ଖାଲି ପେଟରେ କଳାଜିରାକୁ ବ୍ୟବହାର କଲେ ରଙ୍ଗ ସଫା ହୋଇଥାଏ ।

ମୁହଁରେ ହୋଇଥିବା କଳାଦାଗକୁ ମଧ ଏହା ଦୂର କରିଥାଏ ।

ମାନସିକତାକୁ ସୁଦୃଢ଼ କରିଥାଏ । ଆସ୍ଥାମା ଏବଂ ଗଣ୍ଠି ଦରଜ ସମସ୍ୟାକୁ ଦୂର କରିଥାଏ ।

କଳାଜିରାରେ ଆଣ୍ଟିଅକ୍ସିଡାଣ୍ଟ ରହିଥିବାରୁ କ୍ୟାନ୍ସର ଭଳି ରୋଗକୁ ସୁରକ୍ଷା ପ୍ରଦାନ ଦେବାରେ ବେଶ୍ ସହାୟକ ହୋଇଥାଏ ।

କଫ ସମସ୍ୟା ଦେଖାଦେଲେ କଳାଜିରାର ତେଲକୁ ବ୍ୟବହାର କଲେ ଆରାମ ମିଳିଥାଏ ।



କଳାଜିରାର ତେଲରେ ଅଲିଭ୍ ତେଲ ମେହେନ୍ଦିରେ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହାକୁ ଗୋଟିଏ ବୋତଲରେ ଭର୍ତ୍ତି କରି ସପ୍ତାହକୁ ଦୁଇ ଥର ମୁଣ୍ଡରେ ମାଲିସ୍ କଲେ ଚନ୍ଦାପଣ ଦୂର ହୋଇଥାଏ ।

କଳାଜିରାର ପାଉଁଶକୁ ଅଲିଭ୍ ତେଲ ସହ ମିଶାଇ ମୁଣ୍ଡରେ ମାଲିସ୍ କଲେ ନୂଆ କେଶ ଉଠିଥାଏ ।

ପ୍ରଥମେ ମୁଣ୍ଡରେ ୨୦ ମିନିଟ୍ ଧରି ଲେମ୍ବୁ ଘଷିବା ପରେ କେଶକୁ ଧୋଇ ଦିଅନ୍ତୁ । ଏହା ପରେ କଳାଜିରାର ତେଲକୁ ନେଇ କେଶରେ ଭଲଭାବେ ମାଲିସ୍ କରନ୍ତୁ । ମାଲିସ୍ କରିବାର ୧୫ ମିନିଟ୍ ପରେ ପୁଣିଥରେ କେଶକୁ ଧୋଇ ଦିଅନ୍ତୁ । ଦେଖିବେ ନିୟମିତ ଏପରି କରିବା ଦ୍ୱାରା କେଶ ଝଡିବା ସମସ୍ୟା ଦୂର ହୋଇଯିବ ।

## ଆପଣ ଜାଣନ୍ତି କି ?

- ସୁରା ଓ ଧୂଆଁପତ୍ର ତୁଳନାରେ ଗଞ୍ଜେଇ ଅପେକ୍ଷାକୃତ କମ୍ କ୍ଷତିକାରକ । ଏକାଧିକ ଗବେଷଣା ଓ ଅଧ୍ୟୟନରୁ ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ ।
- ମାତ୍ର ନଅ ପ୍ରତିଶତ ଗଞ୍ଜେଇ ସେବନକାରୀ, ଏହାର କୁ ପ୍ରଭାବର ଶିକାର ହୁଅନ୍ତି ।
- ଆମେରିକାର ଅନେକ ପ୍ରଦେଶରେ ଗଞ୍ଜେଇ ସେବନ ଓ ବିକ୍ରି ଅପରାଧ ପଦବାଚ୍ୟ । ପ୍ରତି ବର୍ଷ ସେଠାରେ ଏହି ଅପରାଧରେ ପ୍ରାୟ ଆଠ ଲକ୍ଷ ଲୋକ ଗିରଫ ହେଉଥିବା ପ୍ରକାଶ ।
- ଉତ୍ତର କୋରିଆ ଓ ଉରୁଗୁଏରେ ଗଞ୍ଜେଇର ବ୍ୟବହାର ଆଇନ ଅନୁମୋଦିତ ।
- ଗଞ୍ଜେଇରେ ଥିବା ଏକ ଉପାଦାନ କର୍କଟ କୋଷକୁ ବ୍ୟାପିବାକୁ ଦିଏନାହିଁ ।
- ଜର୍ଜ୍ ୱାସିଂଟନ୍ ଗଞ୍ଜେଇ ଚାଷ କରୁଥିଲେ ।
- ଚାଇନାରେ ୪୭୦୦ ବର୍ଷ ତଳେ ଗଞ୍ଜେଇ ଚାଷ କରାଯାଉଥିଲ ।
- ଭୁଟାନରେ ଏକଦା ଘୁଷୁରିଙ୍କୁ କଞ୍ଚା ଗଞ୍ଜେଇ ପତ୍ର ଖାଇବାକୁ ଦିଆଯାଉଥିଲା ।
- ଇଣ୍ଟରନେଟ୍ ମାଧମରେ ସର୍ବ ପ୍ରଥମେ ବିକ୍ରି ହୋଇଥିବା ଜିନିଷ ଥିଲା ଗଞ୍ଜେଇ ।
- ୧୯୭୧ ରେ 'ଏମ୍ଆଇଟି'ର ଛାତ୍ରଙ୍କଠାରୁ 'ଷ୍ଟାନ୍ପୋର୍ଡ'ର ଛାତ୍ରମାନେ ତାହା କିଣିଥିଲେ ।

## ଶୀତର ସାଥୀ କରମଙ୍ଗା

**ଶୀ**ତଦିନେ ସଂକ୍ରମଣର ଭୟ ଥିବାରୁ ସ୍ୱାସ୍ଥ୍ୟ ପ୍ରତି ଲୋକେ ଅଧିକ ଯତ୍ନବାନ୍ ଥାନ୍ତି । କାରଣ ଅଧିକ ଥଣ୍ଡାରେ ବିଭିନ୍ନ ପ୍ରକାର ରୋଗର ଆଶଙ୍କା ବଢ଼ାଇଦିଏ । କିନ୍ତୁ ଏ ଦିନରେ କରମଙ୍ଗା ଆପଣଙ୍କୁ ଭୟମୁକ୍ତ ରଖିବା ସହ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିପାରିବ । ଏହା ଏକ ପ୍ରକାର ଖଟା ଫଳ, ଯେଉଁଥିରେ ଭରପୁର ମାତ୍ରାରେ କ୍ୟାଲୋରୀ, ଭିଟାମିନ୍ ସି' ଓ ମିନେରାଲ୍ସର ଗୁଣ ମହଜୁଦ୍ ଥାଏ । ନିୟମିତ ଏହା ସେବନ କଲେ ଚର୍ମ ସମସ୍ୟାରୁ ଉପଶମ ମିଳିଥାଏ । ଏହାସହ ଭିଟାମିନ୍ ସି' ଓ ପୋଷକ ତତ୍ତ୍ୱ ଭରପୁର୍ ଥିବାରୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ କ୍ୟାନସର୍ କୋଷିକାକୁ ବଢ଼ିବାକୁ ଦିଏନାହିଁ । ଯଦ୍ୱାରା ଆପଣ ମାରାତ୍ମକ କ୍ୟାନସର ଠାରୁ ଦୂରେଇ ରହିପାରିବେ ।



## ଗୋଲାପ ଜଳର ଚମତ୍କାରିତା

**ଆ**ଣ୍ଟିସେପ୍ଟିକ୍ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣରେ ଭରପୁର ଥିବା ଗୋଲାପ ଜଳ ଚେହେରା ପାଇଁ ଯେତେ ଲାଭଦାୟକ ହୋଇଥାଏ । ଆଖି ପାଇଁ ମଧ ସେତେ ଭଲ ହୋଇଥାଏ । ବାହାରର ଧୂଳି ପ୍ରଦୂଷଣରୁ ନିଜ ଚେହେରା ଓ ଆଖିକୁ ସଫା ରଖିବାରେ ଏହା ସାହାଯ୍ୟ କରେ । ଆଖି ପୋଡିବା, ଲାଲ୍ ପଡିଯିବା ଏବଂ ମୁହଁ ର ଥକ୍କାପଣକୁ ଦୂର କରିବାରେ ଏହା ଉପଯୋଗୀ । ରାତିରେ ବିଛଣାକୁ ଯିବା ପୂର୍ବରୁ କଞ୍ଚା କ୍ଷୀରରେ କିଛି ବୁନ୍ଦା ଗୋଲାପଜଳ ମିଶାଇ ତୁଳା ସାହାଯ୍ୟରେ ମୁହଁ, ବେକ, ହାତ, ଗୋଡ଼କୁ ଭଲ ଭାବେ ପୋଛିନିଅନ୍ତୁ । ଗୋଲାପଜଳ ତ୍ୱଚାର ପିଏଚ୍ ବାଲାନ୍ସକୁ ସନ୍ତୁଳନ ରଖିଥାଏ । ଏହାଦ୍ୱାରା ପୁରୁଣା କୋଷିକାରେ ଉନ୍ନତି ଘଟିଥାଏ । କାକୁଡିର ଖିଦଡ଼ରେ ଗୋଲାପଜଳ ମିଶାଇ ଲଗାଇଲେ ଆଖିକୁ ଆରାମ ମିଳିବା ସହ ଡାର୍କସର୍କଲ କମିଥାଏ । ଶୁଷ୍କ ତ୍ୱଚାରେ କୋମଳତା ଆଣିବା ହେଉଛି ଗୋଲାପଜଳର କାମ ।



## ମହୌଷଧୀ କଲରା ପତ୍ର

ଏକଥା ସମସ୍ତଙ୍କୁ ଜଣା କଲରା ଶରୀର ପାଇଁ କେତେ ଉପକାରୀ । କିନ୍ତୁ ଜାଣନ୍ତି, ଏହାର ପତ୍ର ମଧ ତା'ଠୁ ବେଶୀ ଉପକାରୀ ? କଲରା ପତ୍ରରେ ଭିଟାମିନ୍ 'ଏ' ସାଙ୍ଗକୁ ଅନେକ ପୋଷକ ତତ୍ତ୍ୱ ଭରପୁର ଥାଏ । ଯାହା ମଧୁମେହ ସମସ୍ୟାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ । ନିୟମିତ ରୂପେ ଗୋଟିଏ ଲେଖାଏଁ କଲରା ପତ୍ର କଞ୍ଚା ଖାଇପାଣି ପିଇଲେ, ଶର୍କରା ସ୍ତର ନିୟନ୍ତ୍ରଣ ରହେ । କେବଳ ସେତିକି ନୁହେଁ, ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ବ୍ୟାକ୍ଟେରିଆ, ଫଙ୍ଗଲ କିମ୍ବା ସଂକ୍ରମଣଜନିତ ସମସ୍ୟାକୁ ଦୂର କରେ । ଏହା କ୍ୟାନସର ଭଳି ରୋଗର ଆଶଙ୍କାକୁ ମଧ ହ୍ରାସ କରିଥାଏ ।



## ସୌନ୍ଦର୍ଯ୍ୟ ବଢ଼ାଇବ ଭୃସୁଙ୍ଗ ପତ୍ର

**ସୁ**ନ୍ଦର ଦେଖାଯିବା ପାଇଁ ଆମେ ଅନେକ ବ୍ୟୁଟି ପ୍ରଡକ୍ଟ ଆପଣାଇଥାଉ ଏବଂ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥାଉ । କିନ୍ତୁ ଆପଣ ଜାଣନ୍ତି କି କିଛି ଘରୋଇ ଉପାୟରେ ମଧ ଆପଣ ଚମକଦାର ତ୍ୱଚା ପାଇପାରିବେ । ସୌନ୍ଦର୍ଯ୍ୟମୟ ତ୍ୱଚାର ଅଧିକାରୀ ହେବା ପାଇଁ ଭୃର୍ସୁଙ୍ଗ ପତ୍ର ରାମବାଣ ପରି କାର୍ଯ୍ୟ କରିଥାଏ । ଭୃର୍ସୁଙ୍ଗପତ୍ରକୁ ବାଟି ଏହି ବଟାକୁ ଚେହେରାରେ ଲଗାଇଲେ ମୁହଁରୁ ବ୍ରଣ ସମସ୍ୟା ଦୂର ହୋଇଥାଏ । ଏହି ପତ୍ରର ପ୍ରୟୋଗ ଫଳରେ ଚେହେରା ଅଧିକ ଚମକଦାର ହୋଇଥାଏ । ଶରୀରରେ ଭୃର୍ସୁଙ୍ଗପତ୍ରର ପେଷ୍ଟ ମାଲିସ୍ କରିବା ଦ୍ୱାରା ଥକ୍କାପଣ ଦୂର ହୋଇଥାଏ । କେବଳ ଚେହେରା ନୁହେଁ ଭୃର୍ସୁଙ୍ଗପତ୍ରର ଚୂର୍ଣ୍ଣକୁ ମୁଣ୍ଡରେ ତେଲ ମିଶାଇ ମାଲିସ୍ କଲେ ଚୁଟି ଉପୁଡିବା ସମସ୍ୟାରୁ ମଧ ଉପଶମ ମିଳିବା ସହ ଚୁଟି ସିଲ୍କ ହୋଇଥାଏ ।



## ଅବସାଦ ଦୂର କରିବ କେଶର

**ଖା**ଦ୍ୟ ଦ୍ରବ୍ୟରେ ରଙ୍ଗ ଓ ସ୍ୱାଦ ପାଇଁ କେଶରର ବ୍ୟବହାର କରାଯାଏ । ଏହା ସ୍ୱାସ୍ଥ୍ୟ ପାଇଁ ମଧ ବେଶ୍ ଲାଭକାରୀ । କେଶରରେ ଭରପୁର ମାତ୍ରାରେ ଭିଟାମିନ୍ 'ଏ' ଫଲିକ୍ ଏସିଡ୍, ପୋଟାସିୟମ, କ୍ୟାଲସିୟମ, ଲୌହ, ମ୍ୟାଗ୍ନେସିୟମ ଏବଂ ଅନେକ ପୋଷକ ତତ୍ତ୍ୱ ରହିଛି । ଏହାଛଡ଼ା ଲାଇକୋପିନ୍, ଅଲ୍ଫା କ୍ୟାଟରିନ୍, ବିଟା କ୍ୟାରୋଟିନ୍ର ଗୁଣ ମଧ ରହିଛି । କେଶର ସେବନ ଦ୍ୱାରା ମାଇଗ୍ରେନ୍ ସମସ୍ୟାରୁ ରକ୍ଷା ମିଳିଥାଏ । ବର୍ତ୍ତମାନ ସମୟରେ ଅବସାଦ ପିଲାଠୁ ନେଇ ବୟସ୍କ ସଭିଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି । ଏହି ସମସ୍ୟାରୁ ମଧ କେଶର ରକ୍ଷା କରିଥାଏ । କେଶରରେ ଥିବା ସେରୋଟନିନ୍ ମସ୍ତିଷ୍କ ସକ୍ରିୟ ରଖିବାରେ ସହାୟକ ହୋଇଥାଏ । ଗରମ କ୍ଷୀରରେ ଏହାକୁ ମିଶାଇ ପିଇଲେ ଅବସାଦରୁ ଆରାମ ମିଳେ । ଥଣ୍ଡା, ଜ୍ୱର ସମେତ ସଂକ୍ରାମକ ରୋଗରୁ ତୁରନ୍ତ ଉପଶମ ପାଇବାକୁ ଚାହୁଁଥିଲେ ଏହାକୁ ବାଟି ବେକ ଓ ଛାତିରେ ଲଗାଇବା ଉଚିତ ।



## କହିପାରିବେ କି ?

(୧) କାହାର ଲାଳରେ ହିରୁଡିନ୍ ରହିଛି ?
(୨) ସ୍ଫିଗ୍ମୋମାନୋମିଟର ଯନ୍ତ୍ର ଦ୍ୱାରା କ'ଣ ମପାଯାଏ ?
(୩) କେଉଁ ରକ୍ତବାହିନୀ ଅମ୍ଳଜାନଯୁକ୍ତ ରକ୍ତ ବହନ କରେ ?
(୪) ଝିଣ୍ଟିକାର ରେଚନତନ୍ତ୍ରର ନାମ କ'ଣ ?
(୫) ସୁସ୍ଥ ବୟଃପ୍ରାପ୍ତ ବ୍ୟକ୍ତିର ବୃକ୍କର ମୋଟେଇ ପ୍ରାୟ କେତେ ସେ.ମି ?
(୬) ସୁସ୍ଥ ଲୋକର ମୂତ୍ରରେ କ'ଣ ନ ଥାଏ ?
(୭) କେଉଁ ଫାଇଟୋହରମୋନଟି ଅନ୍ୟମାନଙ୍କ ଠାରୁ ଭିନ୍ନ ?
(୮) ଗୋଟିଏ ନବଜାତ ଶିଶୁର ମସ୍ତିଷ୍କର ଓଜନ ପ୍ରାୟ କେତେ ଗ୍ରାମ୍ ଅଟେ ?
(୯) ଜଣେ ମହିଳା ଗର୍ଭଧାରଣ କରିଛନ୍ତି କି ନାହିଁ ତାହା କେଉଁ ପରୀକ୍ଷାରୁ ଜଣାପଡ଼େ ?
(୧୦) କେଉଁ ଗ୍ରନ୍ଥିକୁ ଆପଦକାଳୀନ ଗ୍ରନ୍ଥି କୁହାଯାଏ ?

### JUMBLE WORDS

| | | | |
|---|---|---|---|
| 1) NAFYC | = | 6) YUFIN | = |
| 2) LGUEN | = | 7) SCURPE | = |
| 3) IDNVIE | = | 8) DROOEV | = |
| 4) AVIRTI | = | 9) TOMOT | = |
| 5) TEREX | = | 10) NHROO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ସୋହଇୟମ୍ ବା ଇକାର୍ବୋନେଟ, ୨.ଚିନି, ୩.ଭିଟାମିନ୍ 'ଏ', ୪.ନାସା, ୫.ସାଉଦିଆରବ, ୬.ଗଲେଟ୍, ୭.ଜିଆ, ୮.୧୫ ରୁ ୨୦, ୯.୩୮, ୧୦. ଏଣ୍ଟିଜେନ ।

***Jumble Words*** ର ଉତ୍ତର :-

(1) GUTTER (2) PALACE (3) TAFFY (4) ZESTY (5) PUZZLE (6) FIBULA (7) CLOAK (8) ALIBI (9) FEISTY (10) APPEAR

# ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ହେଲେ ଦୀର୍ଘ ବର୍ଷ ଧରି ଉଭୟ ସରକାର ନିରବ ରହିବାରୁ ପୁଣି ଥରେ ବେଞ୍ଚ ଦାବିର ଆନ୍ଦୋଳନ ଜୋର ଧରିଥିଲା । ଆଉ ୨୦୦୬ ମସିହାରେ ପଶ୍ଚିମ ଓଡିଶାର ସମସ୍ତ ଓକିଲ ସଂଘକୁ ନେଇ ବରଗଡରେ ଅନୁଷ୍ଠିତ ବୈଠକରେ ଗଠିତ ହୋଇଥିଲା ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ।

୨୦୦୪ ମସିହାରେ ଜୋରଦାର ଆନ୍ଦୋଳନ ହେଲା । ତେବେ, ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ହେବ ଆମେ ସେଥିରେ କାହିଁକି ଯୋଡ଼ି ହେବୁ ବୋଲି ପଶ୍ଚିମ ଓଡ଼ିଶାର କିଛି ଜିଲାର ଆଇନଜୀବୀ ଆଗ୍ରହ ପ୍ରକାଶ କଲେନାହିଁ । ୨୦୦୬ରେ ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚକୁ ସମସ୍ତେ ସହମତି ପ୍ରକାଶ କଲେ । ୨୦୦୬ ଏପ୍ରିଲ ୩୦ରେ ବୈଠକ ହେଲା ଓ ଗଠନ ହେଲା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) । ୨୦୦୮ ମସିହା ଫେବୃଆରୀରେ ପଶ୍ଚିମ ଓଡ଼ିଶାର ୫ ହଜାର ଓକିଲ ଯାଇ ଭୁବନେଶ୍ୱର ରାଜରାସ୍ତାରେ ପିଏମ୍‌ଜି ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓକିଲମାନଙ୍କୁ ଡାକି କହିଲେ ଯେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ହେବ । ସେଥି ସକାଶେ କେନ୍ଦ୍ର ସରକାର ଓ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଲେଖିଥିବା ପତ୍ର ସେ ଦେଖାଇ ଥିଲେ । ଏହାପରେ କେନ୍ଦ୍ର ସରକାରଙ୍କ ମଧ ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖି ତାଙ୍କ ମତାମତ ମାଗିଥିଲେ ।

୨୦୦୯ ମସିହାରେ ୧୮ତମ ଲ' କମିଶନ ହେବା ପରେ ହାଇକୋର୍ଟ ବେଞ୍ଚ ସକାଶେ ଚାରି ପାଞ୍ଚଟି ସର୍ତ୍ତାବଳୀ ରହିଥିଲା । ୨୦୦୮ ମସିହା ସେପ୍ଟେମ୍ବର ୨୩ ତାରିଖ ପାଲ କମିଶନ ଗଠନ ହେଲା । ତାହାର ଆବଶ୍ୟକତା ନ ଥିଲା । ତାହାର ଅବଧି ୩ ମାସ ଥିବା ବେଳେ ୩ ବର୍ଷ ପର୍ଯ୍ୟନ୍ତ ଚାଲିଲା । କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ପାଲ କମିଶନକୁ ପ୍ରତ୍ୟାଖ୍ୟାନ କଲା । ମାର୍ଚ୍ଚ ୯, ୨୦୦୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବିରୋଧ କରାଗଲା । ପଶ୍ଚିମ ଓଡ଼ିଶାରେ ନିଆଁ ଜଳିଲା । ସରକାର କହିଲେ, ପାଲ କମିଶନକୁ ତ୍ୱରାନ୍ୱିତ କରାଯିବ । ୨୦୧୦ ଜୁଲାଇ ୧୪ ତାରିଖ ତତ୍‌କାଳୀନ କେନ୍ଦ୍ର ଆଇନ ମନ୍ତ୍ରୀ ଭିରାପ୍ପା ମୋଇଲି ସମ୍ବଲପୁରକୁ ଆସିଥିବା ବେଳେ କହିଲେ ଯେ ଭାରତରେ ଯଦି କେଉଁଠି ବି ପରବର୍ତ୍ତୀ ହାଇକୋର୍ଟ ବେଞ୍ଚ ହେବ, ତାହା ଏହି ଅଞ୍ଚଳରେ ହେବ । ପୁଣି ୨୦୧୪ରେ ପାଲ କମିଶନ କରି ଦାବିକୁ ସ୍ଥାଣୁ କରି ରଖୁଥିବାରୁ ପୌର ନିର୍ବାଚନକୁ ବର୍ଜନ କରି ଉତ୍ତରାଞ୍ଚଳ ରାଜସ୍ୱ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ୪୮ ଦିନିଆ (୪୨ କାର୍ଯ୍ୟଦିବସ) ଧାରଣା ଅନୁଷ୍ଠିତ ହେଲା ।

ଏପରିକି ସମ୍ବଲପୁର ପୌର ପରିଷଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ହୋଇ ନାମାଙ୍କନ ଦାଖଲ ତାରିଖ ଆରମ୍ଭ ହେବା ପରେ ବି ବେଞ୍ଚ ଦାବିରେ ସମ୍ବଲପୁରବାସୀ ନିର୍ବାଚନକୁ ବର୍ଜନ କରିଥିଲେ । ଫଳରେ ରାଜ୍ୟ ସରକାର ପରିସ୍ଥିତିକୁ ଦେଖି ଥୋପ ସଦୃଶ ସମ୍ବଲପୁରକୁ ମହାନଗର ଘୋଷଣା କରିବା ସହିତ ସମ୍ବଲପୁରରେ ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଘୋଷଣା ବି କରି ଦେଇଥିଲେ । ତଥାପି ବେଞ୍ଚ ଆନ୍ଦୋଳନ ଶିଥିଳ ପଡି ନ ଥିଲା । ଫଳରେ ସେହି ବର୍ଷ ତତ୍କାଳୀନ କେନ୍ଦ୍ର ଆଇନ୍‌ମନ୍ତ୍ରୀ କପିଳ ଶିବଲଙ୍କୁ ଚିଠି ଲେଖି ବେଞ୍ଚ ପାଇଁ ସୁପାରିଶ କରିଥିଲେ ରାଜ୍ୟ ସରକାର । କିନ୍ତୁ, ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ଓ ଓଡ଼ିଶା ହାଇକୋର୍ଟଙ୍କୁ ମତାମତ ମାଗିଲେ କେନ୍ଦ୍ର ସରକାର ।

ଏଥିରେ ସମସ୍ତ ସାମାଜିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଜନସାଧାରଣ ଯୋଗ ଦେଲେ । ସରକାର ପାଲ କମିଶନକୁ ୩୦ ଦିନ ମଧରେ ରିପୋର୍ଟ ଦେବାକୁ କହିଲେ । ତେବେ, ସେହି ରିପୋର୍ଟ ଏବେବି ପ୍ରକାଶିତ ହୋଇନାହିଁ । ୨୦୧୬ ରେ ଦିଲ୍ଲୀର ଜନ୍ତରମନ୍ତରରେ ପଶ୍ଚିମ ଓଡ଼ିଶାର ଆଇନଜୀବୀ ଓ ସାଧାରଣ ଜନତା ବିକ୍ଷୋଭ ପ୍ରଦର୍ଶନ କରି ଅଞ୍ଚଳବାସୀଙ୍କ ହକ୍‌କୁ ଦିଲ୍ଲୀ ଦରବାରରେ ପହଞ୍ଚାଇଥିଲେ । ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ହାଇକୋର୍ଟ ବେଞ୍ଚ ଆନ୍ଦୋଳନରେ ୨୦୧୮ ସେପ୍ଟେମ୍ବର ୫ ତାରିଖରୁ ୨୦୧୯ ମାର୍ଚ୍ଚ ୧୪ ତାରିଖ ସର୍ବାଧିକ ପ୍ରାୟ ୫ ମାସ ଧାରଣା ଓ ରିଲେ ଅନଶନ କରି ନିର୍ବାଚନ ସକାଶେ ଆଦର୍ଶ ଆଚରଣ ବିଧି ଲାଗୁ ହେବା ଠିକ୍ ପୂର୍ବରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ରାଜ୍ୟ ସରକାର ଅନ୍ତରୀଣ ବଜେଟରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପାଇଁ ୫ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା ଏବଂ ହାଇକୋର୍ଟ ବେଞ୍ଚ ଆନ୍ଦୋଳନର ସମାଧାନ ପାଇଁ ଗୃହବିଭାଗର ପତ୍ର ସଂଖ୍ୟା ୧୦୭୮୩ ତା. ୮.୩.୨୦୧୯ ଜରିଆରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବା ପାଇଁ କମିଟି ଗଠନ କରିଥିଲେ । ସୂଚନାଯୋଗ୍ୟ ଯେ, ୨୦୦୭ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଲେଖିଥିବା ପତ୍ରରେ ସମ୍ବଲପୁର ଓ ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ରାଜ୍ୟ ସରକାର ବହନ କରିବେ ବୋଲି ଉଲ୍ଲେଖ କରିଥିଲେ । ବେଞ୍ଚ ଆନ୍ଦୋଳନ ଇତିହାସରେ ସର୍ବାଧିକ ୧୯୦ ଦିନ ଗଣଧାରଣା ଓ ୧୧୫ ଦିନ ରିଲେ ଅନଶନ ହୋଇଥିଲା ।

କେନ୍ଦ୍ରରେ ଏନ୍‌ଡିଏ ସରକାର ଆସିବା ପରେ ମଧ୍ୟ ୩ ଥର ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ସୁପାରିଶ କରିଥିବା ବେଳେ ପ୍ରତ୍ୟେକ ଥର ସମାନ ଉତ୍ତର ଆସୁଛି । ସେପଟେ, ଗତ ୨୦୧୮ରେ ୪୮ ଘଣ୍ଟିଆ ମହାବନ୍ଦ ପାଳନ ଯାଏ କଥା ଯାଇଥିବା ବେଳେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଏକ କମିଟି ଗଠନ କରି କାମଚଳା ବଜେଟରେ ୫ କୋଟି ଟଙ୍କାର ବ୍ୟବସ୍ଥା ବି କରାଯାଇଥିଲା । ହେଲେ କଥା ସେତିକିରେ ଅଟକି ଯାଇଛି । ଏପରିକି ଇତିମଧ୍ୟରେ ସିଏସି ସ୍ଥାନ ନେଇ ଥିବା ଦ୍ୱନ୍ଦ୍ୱକୁ ଦୂର କରିବା ସହିତ ସମ୍ବଲପୁରରେ ହିଁ ବେଞ୍ଚ ସ୍ଥାପନ ହେବ ବୋଲି ସରକାରଙ୍କୁ ବିଧିବଦ୍ଧ ପ୍ରସ୍ତାବ ଦେଇସାରିଛି । ତଥାପି କଥା ପାହୁଣ୍ଡେ ବି ଆଗେଇ ପାରିନାହିଁ । ମୋଟ୍ ଉପରେ କହିବାକୁ ଗଲେ ଚିଠି ଖେଳରେ ବେଞ୍ଚର ଭାଗ୍ୟ ଅଟକି ଯାଇଛି ।

## କୋଲାବିରାରେ ମିଶନ ଶକ୍ତି ଭବନ ଉଦ୍‌ଘାଟିତ



ଝାରସୁଗୁଡ଼ା : କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ୫୦ଲକ୍ଷ ବ୍ୟୟ ଅଟକଳରେ ନବନିର୍ମିତ ମିଶନ ଶକ୍ତି ଭବନକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଉଦ୍‌ଘାଟନ କରିଛନ୍ତି । ଏ ଅବସରରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ଭୋଜରାଜ ପଟେଲ, ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ୍ ପଶାୟତ, ବିଡ଼ିଓ ଅଶ୍ୱିନୀ ପଣ୍ଡା, ବ୍ଲକ ଉପାଧକ୍ଷା ମାଲାମଣି ସାହୁ, ଡିଏସ୍‌ଡବ୍ଲୁ ମେହେରୁ ନିଶା ବେଗମ୍, ଲଇକେରା ବ୍ଲକର ପୂର୍ବତନ ଅଧକ୍ଷ ରୋଜାଲିନ ପଟେଲ, ସମାଜସେବୀ ଜଗନ୍ନାଥ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସିଡ଼ିପିଓ ପୂଣ୍ୟବତୀ ହେଲେନ ଖେସ ସଭା ପରିଚାଳନା କରିଥିଲେ ।

## ଦଲକିରେ ଗୋଁଣ୍ଡ ସମାଜର ସମ୍ମିଳନୀ

ଝାରସୁଗୁଡ଼ା : ଝାରସୁଗୁଡ଼ା ସଦର ବ୍ଲକର ଦଲ୍‌କି ଠାରେ ଷଢ ବଂଶୀୟ ଗୋଁଣ୍ଡ ସମାଜର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବଣାଇର ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର, ଗୋଣ୍ଡ ସମାଜର ଜିଲ୍ଲା ସଭାପତି ଜଗନ୍ନାଥ ଭୋଇ, ସଂପାଦକ ତପୀ ମରାଇ, ନବୀନ ଚନ୍ଦ୍ର ନାଏକ, ଉଗ୍ରେସନ ପଧାନ, ହରି ଧୁରୁଆ, କାମ୍ପାଲ ଭୋଇ, ଗୋପାଳ ଭୋଇ, ଗୌରଚନ୍ଦ୍ର କାଲୋ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।



## ଭେଷଜ ରମ୍ଭାବତୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁନ୍ଦରଗଡ଼ : କୁଣ୍ଡୁକେଲା ସ୍ଥିତ ଭେଷଜ ରମ୍ଭାବତୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପୂର୍ବତନ ମନ୍ତ୍ରୀ କିଶୋର ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ଶିକ୍ଷାମଣ୍ଡଳାଧିଶ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି, ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ଚିରବ୍ରତ ଦତ୍ତ ମୁଖ୍ୟବକ୍ତା, ସୁନ୍ଦରଗଡ଼ର ପୂର୍ବତନ ନଗରପାଳ ରାଜକିଶୋର ଷଡ଼ଙ୍ଗୀ ଏବଂ ଅବସରପ୍ରାପ୍ତ ଶିକ୍ଷକ ଗୋକୁଳାନନ୍ଦ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡକ୍ଟର ବସନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋକୁଳାନନ୍ଦ ପଟେଲ ଓ ଡାକ୍ତର ଯୋଗେଶ ପଟେଲ ମଧ ଭାଷଣ ଦେଇଥିଲେ । ଏହି ଅବସରରେ ଭେଷଜ ପଟେଲଙ୍କର ୨୨ତମ ଶ୍ରାଦ୍ଧ ଉତ୍ସବ ମଧ ଅନୁଷ୍ଠିତ ହୋଇଥିଲା । ତାଙ୍କ ପଣନାତି କୌସ୍ତୁଭ ପଟେଲ ଏଥିରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

## ଜିଲ୍ଲା ରେଡକ୍ରସ୍ କାର୍ଯ୍ୟକାରୀ କମିଟି ବୈଠକ

ସମ୍ବଲପୁର : ଜିଲ୍ଲା ରେଡକ୍ରସ୍ କାର୍ଯ୍ୟକାରୀ କମିଟିର ଏକ ବୈଠକ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟତଃ ଭିମସାର୍ ଠାରେ ନିର୍ମାଣ ହୋଇଥିବା ରେଷ୍ଟ ସେଡ୍ ଉପରେ ଆଲୋଚନା ହୋଇଥିଲା । ପରେ ଭିମସାର୍ ପରିସରରେ ଥିବା ରେଡକ୍ରସ୍ ମାର୍କେଟ୍ କମ୍ପ୍ଲେକ୍ସ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ଏସ୍‌ଏମ୍‌ସି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଫୁଲଝରଣ ଠାରେ ଥିବା ବୃଦ୍ଧାଶ୍ରମ ପାଚେରୀ ନିର୍ମାଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏଥିପାଇଁ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି । ରେଡକ୍ରସ୍ ପାଣ୍ଠିରୁ ଏତେ ଟଙ୍କା ବ୍ୟୟ କରିବା ସମ୍ଭବ ନଥିବାରୁ ଏନେଇ ଏମ୍‌ସିଏଲ୍‌ର ସହାୟତା ନେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା ।

ବର୍ତ୍ତମାନ ସରକାରୀ କାର୍ଯ୍ୟାଳୟରୁ ରେଡକ୍ରସ୍ ପାଣ୍ଠିକୁ ଯେଭଳି ସହାୟତା ଅର୍ଥ ମିଳିବା କଥା ତାହା ମିଳୁନି । ଫଳରେ ରେଡକ୍ରସ୍ ପକ୍ଷରୁ କାର୍ଯ୍ୟକାରୀ ହୋଉଥିବା ବିଭିନ୍ନ ଯୋଜନା ଠିକଣା ଭାବେ ପରିଚାଳିତ ହୋଇପାରୁନି । ଏନେଇ ସମସ୍ତ ବିଭାଗ ପକ୍ଷରୁ ଧାର୍ଯ୍ୟ ହୋଇଥିବା ଅର୍ଥ ରେଡକ୍ରସ୍‌କୁ ପୈଠ



ହେବ ଏନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୨-୨୩ ଆର୍ଥିକ ବର୍ଷରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ଅନୁଦାନ ବାବଦକୁ ୭୭ ଲକ୍ଷ ୪୫ ହଜାର ଟଙ୍କା ସହାୟତା ଅର୍ଥ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୨୨ ଲକ୍ଷ ୮୩ ହଜାର ୮୬୦ ଟଙ୍କା ପ୍ରାପ୍ତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜିର ବୈଠକରେ ଅନ୍ୟମାନଙ୍କ ମଧରେ ରେଡକ୍ରସ୍ ସମ୍ପାଦକ ଜୟ ଜର୍ଜ, ଉପାଧକ୍ଷ ଡ. ନିଲେନ୍ଦ୍ରୀ ପଣ୍ଡା, ସାମାଜିକ ଅନୁଷ୍ଠାନ ସଦସ୍ୟ ସୁଧିର ପୂଜାରୀ, ପ୍ରଫୁଲ୍ଲ ହୋତା, ନିହାଲ ସିଂଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଭୁବନେଶ୍ୱରରେ କୋଲ ଇଣ୍ଡିଆର ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ କନ୍‌କ୍ଲେଭ














ଭୁବନେଶ୍ୱର: କୋଲ ଇଣ୍ଡିଆ ଲିମିଟେଡ୍‌ର ପ୍ରଥମ ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ (ଆଇଆର) କନ୍‌କ୍ଲେଭ-୨୦୨୨ ଅନୁଷ୍ଠିତ ହୋଇଯାଇଛି । 'ବ୍ୟବସାୟ ସକ୍ଷମ ଆଇଆର ପରିବେଶ ସୃଷ୍ଟି' ଥିମ୍‌କୁ ନେଇ ଆୟୋଜିତ ଏହି ଦୁଇ ଦିନିଆ କନ୍‌କ୍ଲେଭକୁ କୋଲ ଇଣ୍ଡିଆ ଲିମିଟେଡ୍‌ର କାର୍ମିକ ନିର୍ଦ୍ଦେଶକ ବିନୟ ରଞ୍ଜନ ଉଦ୍‌ଘାଟନ କରିଥିଲେ ।

ଉଦ୍‌ଘାଟନୀ ଭାଷଣରେ ସେ କହିଥିଲେ ଯେ, ଏହି ଦୁଇଦିନିଆ କନ୍‌କ୍ଲେଭ୍ କୋଇଲା କମ୍ପାନୀର ଏଚ୍‌ଆର୍ ପ୍ରଫେସନାଲମାନଙ୍କୁ ସେମାନଙ୍କର କାର୍ଯ୍ୟର ଅଭିଜ୍ଞତା ବାଣ୍ଟିବା ସହିତ ବିଶେଷଜ୍ଞଙ୍କଠାରୁ ପରାମର୍ଶ ଗ୍ରହଣ କରିବାର ସୁଯୋଗ ପ୍ରଦାନ କରିବ । ଏମସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, କନ୍‌କ୍ଲେଭରେ ଥିବା ବିଷୟଗୁଡିକ କେବଳ ସାମ୍ପ୍ରତିକ ପରିସ୍ଥିତିରେ ପ୍ରାସଙ୍ଗିକ ନୁହେଁ, ବରଂ ଏଚ୍‌ଆର୍ ପ୍ରଫେସନାଲମାନଙ୍କ ମଧ୍ୟରେ ଜବରଦସ୍ତ ବିଚାର ଓ ବିତର୍କ ସୃଷ୍ଟି କରିବାରେ ସକ୍ଷମ ।

କୋଲ ଇଣ୍ଡିଆ ଦେଶର ପ୍ରମୁଖ କର୍ପୋରେଟ୍ ମାନଙ୍କ ମଧ୍ୟରେ ରହିଛି ଏବଂ ବିକାଶଶୀଳ ଅର୍ଥନୀତି ପାଇଁ ବଢୁଥିବା ଶକ୍ତି ଆବଶ୍ୟକତାକୁ ସଫଳତାର ସହ ପୂରଣ କରିବ । କୋଭିଡ୍ ଲକ୍‌ଡାଉନ ସମୟରେ ପରିସ୍ଥିତି ବିଷୟରେ ଉଲ୍ଲେଖ କରି ଶ୍ରୀ ରାଓ କହିଥିଲେ ଯେ, ଦୀର୍ଘଦିନର ତାଲାବନ୍ଦ ଓ ଜୀବନ ପ୍ରତି ବିପଦ ସତ୍ତ୍ୱେ କୋଲ ଇଣ୍ଡିଆର କର୍ମଚାରୀମାନେ ଦୃଢ଼ ଭାବେ ଠିଆ ହୋଇଥିଲେ । ଉତ୍ତାପ, ଧୂଳି, ଥଣ୍ଡା ଓ ବର୍ଷାରେ କଠିନ ପରିଶ୍ରମ କରି ଦେଶର ବିଦ୍ୟୁତ ସଙ୍କଟକୁ ଦୂର କରିବା ପାଇଁ ବହୁ ପରିମାଣର କୋଇଲା ଉତ୍ତୋଳନ କରିଥିଲେ । କୋଇଲା ଉତ୍ତୋଳନ ଓ ବିତରଣ ମାଧ୍ୟମରେ ବର୍ଦ୍ଧିତ ଚାହିଦା ମେଣ୍ଟାଇ ଦେଶର ଆଶା ପୂରଣ କରିପାରି ଥିବାରୁ ଆମେ ଗର୍ବିତ ବୋଲି ସେ କହିଥିଲେ ।

ସିସିଏଲର ନିର୍ଦ୍ଦେଶକ ଏଚ୍.ଏନ୍.ମିଶ୍ର ଉଦ୍‌ଯାପନି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କୋଲଫିଲ୍ଡ ଲିମିଟେଡର କାର୍ମିକ ନିର୍ଦ୍ଦେଶକ ଏଚ୍ ଏନ୍ ମିଶ୍ର, ଏନ୍.ସି.ଏଲ୍‌ର କାର୍ମିକ ନିର୍ଦ୍ଦେଶକ ମନିଷ କୁମାର, ଇସିଏଲର କାର୍ମିକ ନିର୍ଦ୍ଦେଶକ ଆହୁତି ସ୍ୱାଇଁ ଏବଂ କୋଲ୍ ଇଣ୍ଡିଆର କାର୍ମିକ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅଜୟ ଚୌଧୁରୀ ଉପସ୍ଥିତ ଥିଲେ । ଏହି ଦୁଇଦିନବ୍ୟାପୀ କନ୍‌କ୍ଲେଭରେ ବିଭିନ୍ନ ପ୍ରସଙ୍ଗରେ ୧୪ଜଣ ବିଶେଷଜ୍ଞ ସେମନଙ୍କ ମତ ଉପସ୍ଥାପନ କରିଥିଲେ ।

## ସମ୍ବଲପୁରରେ ଡିଜିଟାଲ୍ ଷ୍ଟୁଡିଓ ଉଦ୍‌ଘାଟିତ



ସମ୍ବଲପୁର : ପ୍ରାଥମିକ ବିଦ୍ୟାଳୟରୁ ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ଗଣିତ, ବିଜ୍ଞାନ ଓ ଇଂରାଜୀ ଭଳି ବିଷୟ ମାନଙ୍କରେ ଥିବା କଠିନ ଓ ଅବୋଧ ବିଷୟ ବସ୍ତୁକୁ ସରଳୀକରଣ କରି ଭିଡିଓ ମାଧ୍ୟମରେ ଶିକ୍ଷା ଦାନ ପାଇଁ ପ୍ରସ୍ତୁତ ଡିଜିଟାଲ୍ ଷ୍ଟୁଡିଓ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି । ଆସନ୍ତା ମାସରୁ ଅଭିଜ୍ଞ ଶିକ୍ଷକଙ୍କୁ ନେଇ ଏହି ଷ୍ଟୁଡିଓରେ ଶିକ୍ଷଣ ଉପଲବ୍ଧିକୁ ଆଧାର କରି ଭିଡିଓ ରେକର୍ଡ କରାଯିବ । ଉକ୍ତ ଭିଡିଓକୁ ଜିଲ୍ଲାର ସମସ୍ତ ସରକାରୀ ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ ପାଇଁ ବ୍ୟବହାର କରାଯିବ ।

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ



ପୁରୀ: ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ତ୍ରୟୋଦଶ ସାଧାରଣ ଅଧିବେଶନ ଓ ଏକାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଝାଞ୍ଜପିଠା ମଠର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି, ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟକ, ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ସମ୍ମାନିତ ଅତିଥି ଓ ଡକ୍ଟର ତପନ କୁମାର ଚାନ୍ଦ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିଲେ । ଡକ୍ଟର ଅସିତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମହାସଚିବ ଡ଼କ୍ଟର ନରେଶ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ ।

ଏହି ଅବସରରେ ପ୍ରତିଷ୍ଠାନର ମୁଖପତ୍ର 'ଶ୍ରୀଜଗନ୍ନାଥ ଚେତନା-୧୨' ଉନ୍ମୋଚିତ ହୋଇଥିଲା । ଉତ୍ସବରେ ସମାଜସେବୀ ପଦ୍ମଶ୍ରୀ ଡ଼କ୍ଟର ତୁଳସୀ ମୁଣ୍ଡାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଗବେଷକ ଡ଼କ୍ଟର ଭାସ୍କର ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ପ୍ରବଚକ ଶଙ୍କର୍ଷଣ ମଙ୍ଗରାଜଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, କଳାହାଣ୍ଡି ଧର୍ମଗଡ଼ର ଶ୍ରୀଜଗନ୍ନାଥ ମନ୍ଦିର ଓ ତାମିଲନାଡୁ କୋଏମ୍ବାଟୁରର ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଶ୍ରୀଜଗନ୍ନାଥ ଚେତନା ସଂଗଠକ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ଶ୍ରୀଜଗନ୍ନାଥଙ୍କର ୫ଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ ପାଇଁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା ।

## ବିସ୍ଥାପିତଙ୍କୁ ଥଇଥାନ ଦାବି



ସମ୍ବଲପୁର: ରେଙ୍ଗାଲି ପଞ୍ଚାୟତ ୧୧ ନମ୍ବର ୱାର୍ଡର ଚାଉଳଡ଼ିପୋର ପ୍ରାୟ ୨୦୦ ପରିବାର ଦୀର୍ଘ ଦିନ ହେଲା ରହି ଆସୁଛନ୍ତି । ତେବେ ସେମାନଙ୍କୁ ଏବେ ଉଚ୍ଛେଦ କରିବାକୁ ରେଳ ବିଭାଗ ନୋଟିସ୍ କରିଥିବାରୁ ସ୍ଥାନୀୟ ବାସିନ୍ଦା ଚିନ୍ତାରେ ଅଛନ୍ତି । ଏଭଳି ଅବସ୍ଥାରେ ପିଲାଛୁଆଙ୍କୁ ନେଇ କେଉଁ ଆଡେ ଯିବେ ତାକୁ ନେଇ ଭୟରେ ଦିନ କାଟୁଛନ୍ତି । ଏ ବାବଦରେ ଜିଲ୍ଲା ପରିଷଦ ଉପ-ସଭାପତି ମାଧବ ମିର୍ଦ୍ଧା, ରେଙ୍ଗାଲି ଜୋନ-୧ ଜିଲ୍ଲା ପରିଷଦ ଚୋଳେଶ୍ୱରୀ ମହାନନ୍ଦଙ୍କ ସହ ଅମର ମହାନନ୍ଦ ଜିଲ୍ଲାପାଳ ଅନନ୍ୟା ଦାସଙ୍କୁ ଭେଟି ଥଇଥାନ ଦାବି କରିଛନ୍ତି ।

## ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର : ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ରାଜ୍ୟସ୍ତରୀୟ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ପକ୍ଷରୁ ଜୟଦେବ ଭବନଠାରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟ ଅତିଥି, ଓଡ଼ିଶା ଭାଷା ପ୍ରତିଷ୍ଠାନର ସଂଯୋଜକ ଫଣୀନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟବକ୍ତା, ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ଓ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଓ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଂପାଦକ କୃଷ୍ଣକେଶବ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।





Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra